● ବିଦ୍ୟାଳୟକୁ ଆସୁନଥିବା ଅଭିଯୋଗ

# ଶିକ୍ଷକଙ୍କୁ ଅଟକ ରଖିଲେ ଗ୍ରାମବାସୀ

ମୋହନା, ୧୯ ।୧(ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ ରାଜଖମା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ବାରମ୍ବାର ଅନୁପସ୍ଥିତି ଏବଂ କାର୍ଯ୍ୟରେ ଅବହେଳା ପ୍ରତିବାଦ କରି ଶୁକ୍ରବାର ଗ୍ରାମବାସୀ ଶିକ୍ଷକଙ୍କୁ ଅଟକ ରଖିଥିଲେ। ପରେ ସ୍ଥାନୀୟ ସିଆର୍‌ସିସିଙ୍କ ଉପସ୍ଥିତିରେ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ଛଡ଼ାଯାଇଛି। ସୂଚନା ପ୍ରକାରେ ରାଜଖମା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ଦୁଇ ଜଣ ଶିକ୍ଷକ ଶଶିକାନ୍ତ ମନ୍ତ୍ରୀ ଏବଂ ଭିକାରି ନାୟକ ନିୟୋଜିତ ଅଛନ୍ତି। କିନ୍ତୁ ଉକ୍ତ ଶିକ୍ଷକ ଦ୍ୱୟ ନିୟମିତ ବିଦ୍ୟାଳୟକୁ ଆସୁନାହାନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ



ପାଠ ପଢ଼ାରେ ସମସ୍ୟା ସୃଷ୍ଟି ହେଉଛି। ଶିକ୍ଷକ ବିଦ୍ୟାଳୟକୁ ନଯିବା ଫଳରେ ସରକାରଙ୍କ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସୁଫଳ ଛାତ୍ରଛାତ୍ରୀ ପାଇପାରୁନାହାଁନ୍ତି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ ସ୍ଥିତି ପୂର୍ବବତ ରହିବା ଫଳରେ ଶୁକ୍ରବାର ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଶଶିକାନ୍ତ ମନ୍ତ୍ରୀ ଏବଂ ସିଆର୍‌ସିସି କୃଷ୍ଣଚନ୍ଦ୍ର ପଲାଇଙ୍କୁ ଅଟକ ରଖିଥିଲେ। ପରେ ଶିକ୍ଷକ ଏବଂ ସିଆର୍‌ସିସି ଏକ ଲିଖିତ ପତ୍ରରେ ସ୍ୱାକ୍ଷର ପ୍ରକାରେ ସେମାନଙ୍କୁ ମୁକ୍ତ କରିଥିଲେ ଗ୍ରାମବାସୀ। ଉକ୍ତ ଦାୟିତ୍ୱହୀନ ଶିକ୍ଷକ ମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମବାସୀ। ଏନେଇ ମୋହନା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ତଦନ୍ତ କରି ସମ୍ପୃକ୍ତ ଶିକ୍ଷକ ମାନଙ୍କ ବିରୋଧ ରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଚାକିରି ନାଁରେ ୭ ଲକ୍ଷ ୫୦ ହଜାର ଠକେଇ

ବ୍ରହ୍ମପୁର, ୧୯ ।୧(ସମିସ)

ଚାକିରୀ ପାଇବା ଆଶାରେ ଜଣେ ଯୁବକ ୭ଲକ୍ଷ ୫୦ ହଜାର ଟଙ୍କା ହରାଇଛନ୍ତି। ଜଣେ ବ୍ୟକ୍ତି ଆରଆଇ (ରାଜସ୍ୱ ନିରୀକ୍ଷକ) ଚାକିରୀରେ ନିଯୁକ୍ତି କରାଇଦେବି କହି ଯୁବକଙ୍କଠାରୁ ୭ଲକ୍ଷ ୫୦ହଜାର ଟଙ୍କା ଠକି ନେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଆଙ୍କୁଲି ସୁବାଷନଗର ପ୍ରଥମ ଲାଇନରେ ଭଡାରେ ରହୁଥିବା ନମିତା ନାହାକ ନାମକ ଜଣେ ମହିଳାଙ୍କ ପୁଅକୁ ଆରଆଇ ଚାକିରି କରାଇଦେବୀ କହି ବେଲଗାଁ ନିକଟସ୍ଥ ଗଣ୍ଡଳାର ଗ୍ରାମର ଜିତୁ ସାହୁ ନାମକ ଜଣେ ଯୁବକ ୭ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲା। ଟଙ୍କା ନେଣଦେଣ ବେଳେ ନମିତା ଯେଉଁ ଘରେ ଭଡାରେ ରହୁଛନ୍ତି ସେହି ଘରର ମାଲିକ ଉପସ୍ଥିତ ଥିଲେ। ହେଲେ ୨ ବର୍ଷ ଯାଏଁ ନମିତାଙ୍କ ପୁଅର ଚାକିରି ହୋଇନଥିଲା। ଏହା ଭିତରେ ନମିତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇ ଯାଇଥିଲା। ଚାକିରୀ ନହେବାରୁ ସମ୍ପୃକ୍ତ ଜିତୁ ସାହୁଙ୍କୁ ନମିତା ଟଙ୍କା ଫେରାଇ ଦେବାକୁ କହିବାରୁ ଜିତୁ ସାହୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଯାହାକୁ ନେଇ ନମିତା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ।

# ‘୫-ଟି’ରୂପାନ୍ତରିତ କାର୍ଯ୍ୟ ବୁଲି ଦେଖିଲେ ମହାରାଷ୍ଟ୍ର ଟିମ୍

ଛତ୍ରପୁର, ୧୯ ।୧(ସମିସ): ମହାରାଷ୍ଟ୍ର ରାଜ୍ୟର ଏକ ୩୬ଜଣିଆ ପ୍ରତିନିଧି ଦଳ ଓଡ଼ିଶାକୁ ଦିନିଆ ଗସ୍ତରେ ଆସିଛନ୍ତି। ଏନେଇ ଶୁକ୍ରବାର ଅପରାହ୍ନରେ



ଏହି ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ୫-ଟି ରୂପାନ୍ତରିତ ହୋଇଥିବା ଆର୍ଯ୍ୟପଲ୍ଲୀ ଉଚ୍ଚ ବିଦ୍ୟାଳୟକୁ ସ୍ୱତନ୍ତ୍ର ଭାବେ ପରିଦର୍ଶନ କରିଛନ୍ତି। ସେଠାରେ ୫-ଟି ରୂପାନ୍ତରିତ ହୋଇଥିବା ଉଚ୍ଚ ବିଦ୍ୟାଳୟର ବିଭିନ୍ନ ବିକାଶ କାର୍ଯ୍ୟ ଦେଖିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସହ ମିଶି ସେମାନଙ୍କୁ ପ୍ରଦାନ କରାଯାଉଥିବା ଶିକ୍ଷାଦାନ, ବିଦ୍ୟାଳୟର ଭିତ୍ତିଭୂମି ସମେତ ବିଭିନ୍ନ ସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ଆର୍ଯ୍ୟପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାମନ୍ତରା ଓ କିରାଣି ବି. ସିମାଦ୍ରୀଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ଏହି ପ୍ରତନିଧୀ ଦଳକୁ ସ୍ୱାଗତ ଜଣାଇଥିଲେ। ପରେ ଏହି ପ୍ରତିନିଧୀ ଦଳ ଗଞ୍ଜାମ ବ୍ଲକର ରାମଗଡ଼ ଅଞ୍ଚଳର ଅର୍କିଟ ଫୁଲ ଚାଷ ଓ ବଟେଶ୍ୱର ଶୈବ ପୀଠ ଠାରେ ଥିବା କଲ୍ୟାଣ ମଣ୍ଡପ ଏବଂ ଗ୍ରାମୀଣ ଉଦ୍ୟାନକୁ ମଧ ବୁଲି ଦେଖିଥିଲେ। ଏହି ପରିଦର୍ଶନ ବେଳେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଅନୁଷ୍ଠାନର ପ୍ରଶିକ୍ଷକ ମନୋଜ କୁମାର ସ୍ୱାଇଁ, ଗଞ୍ଜାମ ଜିଲ୍ଲା ପରିଷଦର ପ୍ରୋଗ୍ରାମ ମ୍ୟାନଜର ବାଣୀ ସୁକାନ୍ତ ବେବର୍ତ୍ତା ପଟ୍ଟନାୟକଙ୍କ ସମେତ ଗଞ୍ଜାମ ବ୍ଲକର ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏନେଇ ପ୍ରତିନିଧି ଦଳ ଛତ୍ରପୁରରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ଭି.କୀର୍ତ୍ତି ଭାସନଙ୍କ ଆଲୋଚନା କରିଥିଲେ।

# ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ




ଦାରିଙ୍ଗବାଡ଼ି, ୧୯।୧(ସମିସ): ଦାରିଙ୍ଗବାଡ଼ି ବ୍ଲକ ପର୍ଶମାହା ପଞ୍ଚାୟତ ଅନ୍ତର୍ଗତ କଟାବାଡ଼ି ଉନ୍ନୀତ ବିଦ୍ୟାଳୟଠାରେ ଭାଷା ସାହିତ୍ୟ ଓ ସୃଜନଶୀଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନର ସଭାପତି ଜ୍ୟୋତିରାଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ହରିଶଙ୍କର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍କୁଲ ସଭାପତି ଲକେରା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ରଜତ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରବଣ କୁମାର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପି ପକ୍ଷରୁ ଆରଡିସିଙ୍କୁ ଦାବିପତ୍ର

ବ୍ରହ୍ମପୁର, ୧୯ ।୧(ସମିସ): ଏମକେସିଜି ମେଡ଼ିକାଲରେ ବର୍ଣ୍ଣ କେୟାର ୟୁନିଟ ଖୋଲିବା ଦାବିରେ ବିଜେପି ପକ୍ଷରୁ ଶୁକ୍ରବାର ଆରଡ଼ିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ପତି, ଗଞ୍ଜାମ ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର ଗୋପିନାଥ ପଣ୍ଡା, ଅଶୋକ ନିମାଇ, ଭଗବାନ ଭୂୟାଁ, ରାଜେଶ ମାଝି, ଅଖିଳ ସାହୁ, ଗୌରି ଶଙ୍କର ମହାନ୍ତି ଓ ଜଗନ୍ନାଥ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୫୬ ନୂତନ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର, ୧୯ ।୧(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ନବ ନିଯୁକ୍ତି ୧୫୬ଜଣ ଡାକ୍ତରଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତା ବୈଠକରେ ଡ଼ିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ, ସିଟି ହସପିଟାଲ ଅଧୀକ୍ଷକ ଡ଼ା. ବିଶ୍ୱମ୍ବର ବେହେରା, ଏଡ଼ିପିଏଚଓ ଡ଼ା. ଆର. ଜଗଦିଶ ପଟ୍ଟନାୟକ ଓ ଡ଼ା. ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଭାବେ ଯୋଗ ଦେଇଥିବା ଡାକ୍ତରମାନେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ ଅଫିସର ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସଠିକ ସମୟରେ କାର୍ଯ୍ୟରେ ଯୋଗଦେବା ସହ ସଠିକ ଭାବେ ରୋଗୀ ସେବା କରିବୁ ଜିଲ୍ଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର ପରାର୍ମଶ ଦେଇଥିଲେ।

# ମହିଳାଙ୍କ ଆତ୍ମହତ୍ୟା

ଗୋପାଳପୁର, ୧୯ ।୧(ସମିସ): ଗୋପାଳପୁର ଥାନା ଅର୍ନ୍ତଗତ କଦରପଲ୍ଲୀ ଗ୍ରାମରେ ଜଣେ ମହିଳା ଆିହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣଙ୍କ ହେଲେ ଡିଲେଶ୍ୱରି ପ୍ରଧାନ (୩୦)। ଡିଲେଶ୍ୱରି ସେହି ଗ୍ରାମର ମୁନା ପ୍ରଧାନକୁ ୨୦୨୦ ରେ ବିବାହ କରିଥିଲେ। କୌଣସି କାରଣରୁ ନେଇ ଗୁରୁବାର ଅପରାହ୍ନରେ ଶଶୁର ଘରର ରୋଷେଇ ଘରେ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ବ୍ରହ୍ମପୁର, ୧୯ ।୧(ସମିସ): ସ୍ଥାନୀୟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପ୍ରତିଯୋଗିତା ଉତ୍ସବ ଉଦଘାଟିତ ହୋଇଛି। ଏହା ଦୁଇଦିନ ଧରି ଜାରି ରହିବ। ଏଥିରେ ଭୁବନେଶ୍ୱର



ଆଞ୍ଚଳିକ କାର୍ଯ୍ୟାଳୟ ଅଧିନସ୍ଥ ବ୍ରହ୍ମପୁର, ଭୁବନେଶ୍ୱର, କଟକ, ବରଗଡ଼, ରାଉରକେଲା, ଗଜପତି, ବାଲେଶ୍ୱର ସଂକୁଳସ୍ତରରୁ ମୋଟ ୧୧୯ଜଣ ବିଦ୍ୟାର୍ଥୀଙ୍କ ସମେତ ୧୮ ଜଣ ଅନୁରକ୍ଷକ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ସହ-ଆୟୁକ୍ତ ଅନିଲ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ଆଇଜରର ପ୍ରଫେସର ଜୟଦୀପ ମୁଖୋପାଧ୍ୟାୟ (ଏକାଡେମିକ ବ୍ୟାପାର ପ୍ରମୁଖ) ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରାଚାର୍ଯ୍ୟ ଶିବାପ୍ରିୟ ଦାଶ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା।

# ଦୁର୍ଘଟଣାରେ ବୃଦ୍ଧ ମୃତ ଘଟଣା, ଫେରାର୍ ଡ୍ରାଇଭର ଗିରଫ

ବ୍ରହ୍ମପୁର, ୧୯ ।୧(ସମିସ): ଏକ ଦୁର୍ଘଟଣା ମାମଲାରେ ସଦର ଥାନା ପୁଲିସ ଫେରାର ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ସନ୍ତୋଷ ମହାକୁଡ଼(୩୨)। ସୂଚନାଯୋଗ୍ୟ ଯେ, ଗତବର୍ଷ ନଭେମ୍ବର ୨୫ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ନାରାୟଣପୁର ଗ୍ରାମର ସୀମାଞ୍ଚଳ ଗୌଡ଼ ସ୍ନାନ କାମ ସାରି ଘରକୁ ଫେରୁଥିବା ବେଳେ ଏକ ଡ଼ାଲା ଅଟୋ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସୀମାଞ୍ଚଳ ଗୁରୁତର ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟିବା ପରେ ଅଟୋ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ମୃତ ସୀମାଞ୍ଚଳଙ୍କ ପୁତୁରା ସୀତାରାମ ଗୌଡ଼ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତବେଳେ ଜଣାପଡ଼ିଲା କି ସନ୍ତୋଷ ମହାକୁଡ଼ ନାମକ ଜଣେ ଡ୍ରାଇଭର ଦ୍ରୁତଗତିରେ ଆସି ସୀମାଞ୍ଚଳକୁ ଧକ୍କାଦେବା ଫଳରେ ସେ ଗୁରୁତର ହୋଇ ମୃତ୍ୟୁବରଣ କରିଥିଲେ। ଶୁକ୍ରବାର ପୁଲିସ ଫେରାର ଥିବା ଅଭିଯୁକ୍ତ ସନ୍ତୋଷ ମହାକୁଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।




# ‘ଓଡ଼ିଆ ଭାଷା ସମ୍ପର୍କରେ ଉତ୍ତରପିଢ଼ି ଅବଗତ ହେବା ଆବଶ୍ୟକ’

ବ୍ରହ୍ମପୁର, ୧୯ ।୧(ସମିସ): ଓଡ଼ିଆ ଅଢ଼େଇ ହଜାର ବର୍ଷର ଏକ ପୁରାତନ ପ୍ରାମାଣିକ ଭାଷା। ଆଧୁନିକ ଭାରତୀୟ ଭାଷା ରୂପେ ଓଡ଼ିଆ ଏକ ସମ୍ଭ୍ରାନ୍ତ, ବିଜ୍ଞାନ ସମ୍ମତ ମାନକ ଭାଷା। ଏଇ ଶତାବ୍ଦୀର ଆଦ୍ୟ ପାଦରେ ଭାରତ ସରକାର ଓଡ଼ିଆକୁ ଦେଶର ଷଷ୍ଠ ଓ ଭାରତୀୟ ଆର୍ଯ୍ୟଭାଷାମାନଙ୍କ ମଧ୍ୟରେ ପ୍ରଥମ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି। ଓଡ଼ିଆ ଭାଷାର ସେତିକି ଶକ୍ତି ଓ ସାମର୍ଥ୍ୟ ରହିଛି, ପୃଥିବୀର ଯେ କୌଣସି ଜ୍ଞାନ ବା ବିଦ୍ୟାକୁ ଓଡ଼ିଆ ଭାଷାରେ ଅଭିବ୍ୟକ୍ତ କରାଯାଇ ପାରିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ମତବ୍ୟକ୍ତ କରିଛନ୍ତି। ଶୀତଳାପଲ୍ଲୀ ସ୍ଥିତ ପାରଳା ମହାରାଜା ସରକାରୀ ସ୍ୱୟଂଶାସିତ ଯାନ୍ତ୍ରିକ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ନୂଆ ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପରିବର୍ଦ୍ଧିତ ସଂସ୍କରଣ ଓଡ଼ିଆ ଭାଷା-ସାହିତ୍ୟ ପ୍ରତିଯୋଗିତା ଓ ଶ୍ରୀଜଗନ୍ନାଥ ସଂସ୍କୃତି ପରିଚର୍ଚ୍ଚା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଡ. ଓଝା କହିଥିଲେ, ଓଡ଼ିଆ ଭାଷାର ସମ୍ଭ୍ରାନ୍ତ ଧାରା ସମ୍ପର୍କରେ ଆମ ଉତ୍ତର ପିଢ଼ି ଅବଗତ ହେବା ଏକାନ୍ତ ଆବଶ୍ୟକ। ଓଡ଼ିଆ ଭାଷାର ଉନ୍ମେଷ, ମୌଳିକ ଭିତ୍ତି ଓ କ୍ରମିକ ବିକାଶ ପ୍ରସଙ୍ଗରେ ଡ. ଓଝା ଉଲ୍ଲେଖ ପୂର୍ବକ ମାନବ ଦେବତା ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ, ଜଗନ୍ନାଥ ଧର୍ମଦର୍ଶନ, ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ଚିତ୍ତରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭିଷେକ ପାଣିଗ୍ରାହୀ ଓ ସୁହାନା ପଟ୍ଟନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶେଷରେ ଯାନ୍ତ୍ରିକ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ଦାସିଆ ବାଉରି', 'ଲକ୍ଷ୍ମୀପୁରାଣ', 'ଧର୍ମପଦ' ଆଦି କ୍ଷୁଦ୍ର ନାଟକ, ଓଡ଼ିଆ କାନ୍ଦଣା ଓ ସମୟ ଚକ୍ର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଗଞ୍ଜେଇ ଗଛ ନଷ୍ଟ

ଟିକାବାଲି, ୧୯ ।୧(ସମିସ): କନ୍ଧମାଳ ଜିଲ୍ଲାର ଟିକାବାଲି ଥାନାର ଗୁଟିଙ୍ଗିଆ, ଗାର୍ଡିଙ୍ଗିଆ, କଇଁଝର ଇତ୍ୟାଦି ଗ୍ରାମପଞ୍ଚାୟତ ଅଞ୍ଚଳର ଜଙ୍ଗଲରେ ଲାଗିଥିବା ଗଞ୍ଜେଇ ଗଛ ଟିକାବାଲି ପୋଲିସ ନଷ୍ଟ କରିଛି। ଟିକାବାଲି ପୁଲିସ ଦ୍ୱାରା ଗତ ଚାରି ଦିନ ହେବ ଥାନା ଅଧିକାରୀ କଲ୍ୟାଣିମୟି ସେଣ୍ଡଙ୍କ ନେତୃତ୍ୱରେ, ଏସ୍‌ଆଇ ସଞ୍ଜୟ ସ୍ୱାଇଁ, ଏସ୍‌ଆଇ ଅବନି ପ୍ରଧାନ, ଏଏସଆଇ ରାଜେନ୍ଦ୍ର ପ୍ରସାଦ ପ୍ରଧାନ ସମୂହ ସହଯୋଗରେ ଏକର ଏକର ଜଙ୍ଗଲ ଜମିରେ ଲାଗିଥିବା ଗଞ୍ଜେଇ ଗଛ କାଟି ପୋଡି ଥିବା ଟିକାବାଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଗଞ୍ଜେଇ ଚାଷ ଏବଂ ବ୍ୟବସାୟ ଦ୍ୱାରା ଅଞ୍ଚଳ ଗୁଡିକରେ ଅନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ପୁଲିସ ଦ୍ୱାରା ଖୋଜି ଖୋଜି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି।

ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ
ଜିଲ୍ଲା ପ୍ରଶାସନ ସହଯୋଗରେ

## ମେଗା ନିଯୁକ୍ତି ମେଳା

ସ୍ଥାନ: ସ୍ପୋର୍ଟସ ଷ୍ଟାଡିୟମ, ଫୁଲବାଣୀ, ଜିଲ୍ଲା- କନ୍ଧମାଳ
ତାରିଖ: ୨୧।୧।୨୦୨୪

ନିଜ ବ୍ଲକ୍ କାର୍ଯ୍ୟାଳୟରେ ଅଗ୍ରୀମ ପଞ୍ଜୀକରଣ କରନ୍ତୁ | ଆସୁଛନ୍ତି ୧୨୦ରୁ ଊର୍ଦ୍ଧ୍ୱ ଜାତୀୟ ତଥା ବହୁରାଷ୍ଟ୍ରୀୟ କମ୍ପାନୀ

*ପ୍ରମୁଖ କମ୍ପାନୀ: କେପିଏଲଆର ମିଲ୍‌ସ, ବେଦାନ୍ତ ଗ୍ରୁପ୍, ସାହି ଗ୍ରୁପ୍, ଜି-୪ ସିକ୍ୟୁରିଟି, ଭେଲାଙ୍କିନି ଇନ୍‌ଫରମେସନ୍ ସିଷ୍ଟମ, ଗୋକଲଦାସ ଏକ୍‌ସପର୍ଟ, ଏସ୍‌ଆଇଏସ୍ ସିକ୍ୟୁରିଟି, ଇଣ୍ଟେଲିରୁଟ୍, କର୍ଲନ ମେଟ୍ରେସ୍, ଏସ୍‌ପି ଆପେରାଲା, କିର୍ତେକ୍‌ସ ଇଣ୍ଡଷ୍ଟ୍ରିଜ୍, ବିଏସ୍‌ଏ କର୍ପୋରେସନ୍, ଗ୍ୟାସ୍‌ଟାମ୍ପ ଇଣ୍ଡିଆ, ପେଟିଏମ୍ ଇଣ୍ଡିଆ, ଏୟାରଟେଲ୍ ବ୍ୟାଙ୍କ, ଏସ୍‌ବିଆଇ କାର୍ଡ, ର୍‌ୟାଣ୍ଡଷ୍ଟଡ ଇଣ୍ଡିଆ, କ୍ୱେସ୍ କ୍ରପ୍ ଲିମିଟେଡ୍*

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ରାଜ୍ୟର ଯୁବଗୋଷ୍ଠୀଙ୍କ ବିକାଶ ଓ କର୍ମନିଯୁକ୍ତି ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରେରଣାରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ, ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱରସ୍ଥିତ କିଟ୍-କିସ୍‌ର ମିଳିତ ସହଯୋଗରେ ଦ୍ୱିତୀୟ ଥର ପାଇଁ କନ୍ଧମାଳରେ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହେଉଛି। ଆସନ୍ତା **ଜାନୁଆରୀ ୨୧ ତାରିଖ ରବିବାର ସକାଳ ୯ ଘଣ୍ଟା** ସମୟରେ **ଫୁଲବାଣୀ ସ୍ପୋର୍ଟସ ଷ୍ଟାଡିୟମ**ଠାରେ କନ୍ଧମାଳ ସଂସଦୀୟ କ୍ଷେତ୍ରର **୧୮ରୁ ୩୫ବର୍ଷ** ବୟସ୍କ ସମସ୍ତ ଯୁବକଯୁବତୀ ଭାଇ ଭଉଣୀମାନଙ୍କ ପାଇଁ ଏକ ବୃହତ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଉକ୍ତ ନିଯୁକ୍ତି ମେଳାରେ ୧୨୦ରୁ ଊର୍ଦ୍ଧ୍ୱ ଜାତୀୟ ତଥା ବହୁରାଷ୍ଟ୍ରୀୟ କମ୍ପାନୀ ଓ ବ୍ୟବସାୟ ପ୍ରତିଷ୍ଠାନ ଯୋଗଦେଉଛନ୍ତି। ଏଥିରେ ୨୦ହଜାରରୁ ଊର୍ଦ୍ଧ୍ୱ ଉପଯୁକ୍ତ ପ୍ରାର୍ଥୀ ଯୋଗଦେବେ ଓ ସେମାନଙ୍କ ମଧ୍ୟରୁ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ।

**ସିକ୍ୟୁରିଟି ଗାର୍ଡଠାରୁ ଆରମ୍ଭ କରି ମେଡିକାଲ ସହାୟକ, ମେକାନିକ, ଫିଟର, ୱେଲଡର ସହାୟକ, ଖାଦ୍ୟ ପ୍ରକ୍ରିୟାକରଣ, ଟେକ୍‌ସଟାଇଲ୍, ନିର୍ମାଣ, ଅଟୋମୋଟିଭ ଇଞ୍ଜିନିୟର, ଡାଟା ଏଣ୍ଟ୍ରି ଅପରେଟର, ଫ୍ୟାକ୍ଟ୍ରି ଅପରେଟର, ଷ୍ଟୋର କିପର, ବୁକ୍ ବାଇଣ୍ଡର, ଡ୍ରାଇଭର, ପ୍ଲମ୍ବର, ଅଫିସ ସହାୟକ, କୁକ୍, ପ୍ରିଣ୍ଟ ଅପରେଟର** ଆଦି ଅନେକ କାର୍ଯ୍ୟରେ ନିଯୁକ୍ତି ପାଇଁ ଏହି ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ଏଥି ନିମନ୍ତେ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ୫ମ ପାସ୍‌ରୁ ଆରମ୍ଭ କରି ସ୍ନାତକ, B.Tech, Engineering, MCA, MBA ଓ Law ଥିବା ଏକାନ୍ତ ବାଞ୍ଛନୀୟ। ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଅଭିଜ୍ଞତା ଭିତ୍ତିରେ ଚୟନ କରାଯିବ। ମନୋନୀତ ପ୍ରାର୍ଥୀଙ୍କ ମାସିକ ବେତନ ସର୍ବନିମ୍ନ **୧୨ହଜାରରୁ ୪୫ ହଜାର ଟଙ୍କା** ସହ କମ୍ପାନୀଗୁଡ଼ିକ ପକ୍ଷରୁ କର୍ମଚାରୀଙ୍କୁ ମିଳୁଥିବା ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ। କେତେକ କମ୍ପାନୀ ଯୋଗ୍ୟ ପ୍ରାର୍ଥୀଙ୍କୁ ମାସିକ ବେତନ **୮୦ ହଜାର ଟଙ୍କା** ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା ନ କରି **କନ୍ଧମାଳ ସଂସଦୀୟ କ୍ଷେତ୍ରର** ଯୁବକଯୁବତୀମାନେ ହଜାର ହଜାର ସଂଖ୍ୟାରେ ନିଯୁକ୍ତି ମେଳାରେ ଯୋଗଦେବା ନିମନ୍ତେ ଅନୁରୋଧ କରାଯାଉଛି। **ନିଯୁକ୍ତି ମେଳାରେ ଯୋଗଦେବାକୁ ଥିବା ଯୁବକ ଯୁବତୀଙ୍କ ନିମନ୍ତେ ସେମାନଙ୍କ ନିଜ ନିଜ ବ୍ଲକ୍ କାର୍ଯ୍ୟାଳୟଠାରୁ ଫୁଲବାଣୀ ଷ୍ଟାଡିୟମ ପର୍ଯ୍ୟନ୍ତ ମାଗଣାରେ ଯିବା ଆସିବାର ବନ୍ଦୋବସ୍ତ କରାଯାଇଛି। ଏହା ସହିତ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ମଧ କରାଯାଇଛି।**

**ଏଥି ନିମନ୍ତେ** କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକ୍; ବୌଦ୍ଧ ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକ୍; ନୟାଗଡ଼ ଜିଲ୍ଲାର ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକ୍; ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ବ୍ଲକ୍‌ର **ପ୍ରାର୍ଥୀମାନେ ନିର୍ଦ୍ଧାରିତ ଦିନ ପୂର୍ବରୁ ନିଜନିଜ ବ୍ଲକ୍ କାର୍ଯ୍ୟାଳୟରେ ଅଗ୍ରୀମ ନାମ ପଞ୍ଜୀକରଣ କରିବା ପାଇଁ ବିଶେଷ ଅନୁରୋଧ। ପଞ୍ଜୀକରଣ ସମୟରେ ଆଧାର କାର୍ଡ, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ପାସ୍‌ପୋର୍ଟ ଫଟୋ ନିତାନ୍ତ ଆବଶ୍ୟକ। ସକାଳ ୮ରୁ ୯ ଘଣ୍ଟା ମଧ୍ୟରେ ସମସ୍ତ ପ୍ରାର୍ଥୀ ନିଯୁକ୍ତି ମେଳାରେ ପହଞ୍ଚିବା ଆବଶ୍ୟକ।**

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ କାଳନ୍ଦୀ ଚରଣ ବରିଶଲ
ପୂର୍ବତନ ସରପଞ୍ଚ, ସମାଜସେବୀ
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଧରାବତରଣ: ୨୮.୧୨.୧୯୩୬
ସର୍ଗାରୋହଣ: ୧୬.୦୧.୨୦୧୯
ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ଏହା ହିଁ ପରମବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗିନୀ ପତ୍ନୀ- ବିଷ୍ଣୁପ୍ରିୟା, ବନ୍ଧୁ, ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ବରିଶଲ ପରିବାରବର୍ଗ

● ଜବତ ଗାଡ଼ି ଖଲାସ ପାଇଁ ନିୟମ କୋହଳ ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

# ପରିବହନ କମିଶନର ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ

କଟକ, ୧୯ ।୧(ସମିସ): ଥାନା, ଜଙ୍ଗଲ ବିଭାଗ, ଅବକାରୀ ବିଭାଗ ଆଦି ପକ୍ଷରୁ ଜବତ ହେଉଥିବା ଗାଡ଼ିଗୁଡିକ ଅତି ଦୟନୀୟ ଅବସ୍ଥାରେ ଖରାବର୍ଷା ଖାଇ ପଡ଼ି ରହୁଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଗାଡ଼ିଗୁଡ଼ିକ କିପରି ସହଜରେ ମୁକୁଳା ଯାଇପାରିବ, ସେନେଇ ନୀତି ନିୟମକୁ କୋହଳ କରିବାକୁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏ କ୍ଷେତ୍ରରେ ସରକାରଙ୍କୁ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ ପାଇଁ ପରିବହନ କମିଶନର ପ୍ରସ୍ତାବ ଦେବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଜିତେନ୍ଦ୍ର କୁମାର ଦିଗଲଙ୍କ ପକ୍ଷରୁ ଦାୟର ଏକ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଗତ ୨୦୧୯ ଏପ୍ରିଲ ୨୫ରେ ଫୁଲବାଣୀ ଜିଲ୍ଲା ଫିରିଙ୍ଗିଆ ଥାନାରେ ରୁଜୁ ଏକ ଏନଡିପିଏସ ମାମଲାରେ ଅଭିଯୁକ୍ତ ଆବେଦନକାରୀ ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ଗିରଫ ହୋଇଥିଲେ। ଏଥିସହ ଗଂଜେଇ ଚାଲାଣରେ ବ୍ୟବହୃତ ତାଙ୍କର ଏକ ଇଣ୍ଡିଗୋ କାରଟି ଜବତ ହୋଇଥିଲା। ଏହି କାର୍ଟି ଖରା ବର୍ଷାରେ ପଡ଼ି ଖତ ଖାଉଥିବା ବେଳେ ଏହାକୁ ତାଙ୍କୁ ହସ୍ତାନ୍ତର କରାଯାଉ ବୋଲି ନିମ୍ନ ଅଦାଲତରେ ଆବେଦନ କରିଥିଲେ ଆବେଦନକାରୀ। ନିମ୍ନ ଅଦାଲତ ଏହାକୁ ଖାରଜ କରିବା ପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ୫୦ହଜାର ଟଙ୍କା ସିଭିଲ କୋର୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କଲେ, ଏକ ମାସ ମଧ୍ୟରେ ତାଙ୍କ କାର୍ ଫେରସ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଥାନା, ଅବକାରୀ ବିଭାଗ ଓ ବନ ବିଭାଗରେ ଜବତ ଗାଡି ମୁକୁଳିବା ପାଇଁ କେତେକ ନିୟମ ବାଧକ ଥିବା ନେଇ ସରକାରୀ ଓକିଲ ଶୁଣାଣି ବେଳେ କହିଥିଲେ। ଏଣୁ ହାଇକୋର୍ଟ ଏହି ପ୍ରସଂଗକୁ ଗୁରୁତ୍ୱର ସହ ଗ୍ରହଣ କରି ନୀତି କୋହଳ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ମହିଳା ଫାର୍ମାସିଷ୍ଟଙ୍କୁ ନିର୍ଯାତନା ଅଭିଯୋଗ

**ବ୍ରହ୍ମପୁର, ୧୯ ।୧(ସମିସ):** ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କ କାର୍ଯ୍ୟାଳୟରେ ଫାର୍ମାସିଷ୍ଟ ଏମ. ଭାନୁମତିଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ୨୦୨୨ମସିହାରେ ଷ୍ଟୋର ଫାର୍ମାସିଷ୍ଟ ଭାବେ ଦାୟିତ୍ୱ ନେବାକୁ ବମକେଇ ସ୍ୱାସ୍ଥ୍ୟକେନ୍ଦ୍ରରୁ ସିଡିଏମଓ କାର୍ଯ୍ୟାଳୟକୁ ଭାନୁମତିଙ୍କୁ ବଦଳି ହୋଇଥିଲା। କିନ୍ତୁ ଷ୍ଟୋର ଦାୟିତ୍ୱ ଦିଆନଯାଇ ତାଙ୍କ ସ୍ଥାନରେ ଜଣେ ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କୁ ଷ୍ଟୋର ଦାୟିତ୍ୱ ଦିଆଯାଇଛି। ଯେଉଁଥିପାଇଁ ସେ ଏଠାକୁ ବଦଳି ହୋଇ ଆସିଥିଲେ ତାଙ୍କୁ ସେହି ଦାୟିତ୍ୱ ମିଳିନଥିବାରୁ ଭାନୁମତି ସିଡିଏମଙ୍କ ସହ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଫାର୍ମାସିଷ୍ଟ ଏମ. ଭାନୁମତି ଏହାର ପ୍ରତିବାଦ କରିବାରୁ ତାଙ୍କୁ ସିଡିଏମଓ କାର୍ଯ୍ୟାଳୟରୁ ଆଗାସାହି ସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରି ଦିଆଯାଇଛି ବୋଲି ଭାନୁମତି ଅଭିଯୋଗ କରିଛନ୍ତି। ଏହାସହ ତାଙ୍କୁ ବାରମ୍ବାର ମାନସିକ ନିର୍ଯାତନା ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ସେପଟେ ଫାର୍ମାସିଷ୍ଟ ଭାନୁମତିଙ୍କୁ ଷ୍ଟୋରଦାୟିତ୍ୱ ଦିଆଯାଇଥିଲେ ହେଁ ସେ ସେହି ଦାୟିତ୍ୱ ନେବାକୁ ଅନିଚ୍ଛା ପ୍ରକାଶ କରିଥିଲେ ବୋଲି ସିଡିଏମଓ ଡାକ୍ତର ଉମାଶଙ୍କର ମିଶ୍ର କହିଛନ୍ତି। ସେହିପରି ଷ୍ଟୋର ଦାୟିତ୍ୱ ଦେବାନେବା ଘଟଣାକୁ ନେଇ ବିବାଦ ଦେଖାଦେବାରୁ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ ଜରିଆରେ କମିଟି ଗଠନ ହୋଇ ତଦନ୍ତ କରାଯାଇଥିଲା। ଅନ୍ୟପକ୍ଷରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ ଜଣାଇବାରୁ ତାଙ୍କୁ ଏଠାରୁ ଆଗାସାହି ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବା ସିଡିଏମଓ ସୂଚନା ଦେଇଛନ୍ତି।

# କୃଷକ-ଶ୍ରମିକ ସଂହତି ଦିବସ ପାଳିତ




**ବ୍ରହ୍ମପୁର, ୧୯ ।୧(ସମିସ):** ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡଠାରେ ଶୁକ୍ରବାର ସିଆଟିୟୁ, ଓଡ଼ିଶା କୃଷକ ସଭା ଓ ରାଜ୍ୟ କ୍ଷେତ ମଜଦୂର ସଂଗଠନର ମିଳିତ ଆହ୍ୱାନରେ ୪୨ତମ ଶ୍ରମିକ କୃଷକ ସଂହତି ଦିବସ ପାଳିତ ହୋଇଯାଇଛି। ସଂଗଠନ ପକ୍ଷରେ ଏଠାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ନେଇ ପ୍ରତିବାଦ କରାଯାଇଥିଲା। ସେହିପରି ୧୯୮୨ମସିହା ଜାନୁଆରୀ ୧୯ ତାରିଖରେ ସ୍ୱାଧୀନ ଭାରତବର୍ଷରେ ପ୍ରଥମ ସର୍ବଭାରତୀୟ ସାଧାରଣ ଧର୍ମଘଟ ସଂଗଠିତ ହୋଇଥିଲା। ଏଥିରେ ସହିଦ ହୋଇଥିବା ଶ୍ରମିକ-କୃଷକ ମାନଙ୍କର ସହିଦ ଦିବସକୁ ସ୍ମରଣ କରି ପ୍ରତିବର୍ଷ ଜାନୁଆରୀ ୧୯ ତାରିଖରେ ଦେଶବ୍ୟାପୀ ଏହି ଦିବସ ପାଳନ କରାଯାଉଥିବା ସଂଗଠନ ପକ୍ଷରୁ କୁହାଯାଇଛି। କୃଷକ, ଶ୍ରମିକ, ଛାତ୍ର ଯୁବକଙ୍କ ସାମ୍ବିଧାନିକ ଅଧିକାର, ବେକାରୀ ଓ ଦାରିଦ୍ର୍ୟତାକୁ ନେଇ ନିନ୍ଦା କରାଯାଇଥିଲା। ବିକ୍ଷୋଭରେ ବିଦ୍ୟାଧର ଜେନା, ପି. ହରି କୃଷ୍ଣ ରେଡ୍ଡୀ, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ଅଜୟ ଗୌଡ଼, ବିଜୟ ବିଷୋୟୀ କିଶୋର ମିଶ୍ର, ମୋହନ ରାଓ, ରଞ୍ଜନ ପାତ୍ର ଯୋଗ ଦେଇଥିଲେ।

## ଆକ୍ସନ ମୋଡ୍‌ରେ ବ୍ରହ୍ମପୁର ପୁଲିସ

# ୧୮ ଦିନରେ ଗିରଫ ହେଲେଣି ୧୩୦

ଗଞ୍ଜାମ, ୧୯ ।୧(ସମିସ)

- ପୁଣି ୩ ପଳାତକ ଅପରାଧୀଙ୍କ ଘରେ ଲାଗିଲା ଲଟ୍‌କା
- ୩ ଦିନରେ ୧୧ ଅପରାଧୀ ପଳାତକ ଘୋଷିତ
- ଆତ୍ମସମର୍ପଣ ନକଲେ ବାଜ୍ୟାପ୍ତ ହେବ ସମ୍ପତ୍ତି
- ୧୩୫ଜଣ ୱାରେଣ୍ଟିଙ୍କ ଆତ୍ମସମର୍ପଣ



ପୁଣି ୩ଜଣ ଦୁର୍ଦ୍ଦାନ୍ତ ତଥା ଫେରାର ଅପରାଧିଙ୍କୁ ପଳାତକ ଘୋଷଣା କରିଛି ବ୍ରହ୍ମପୁର ପୁଲିସ। ଆତ୍ମସମର୍ପଣ ପାଇଁ ମାସକର ମହଲତ ସହିତ ସେମାନଙ୍କ ଘର ସମ୍ମୁଖରେ ଲଟକା ଜାରି କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଆତ୍ମସମର୍ପଣ ନକଲେ ସେମାନଙ୍କର ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବ ବୋଲି ଡାକବାଜି ଯନ୍ତ୍ର ଜରିଆରେ ସର୍ବସାଧାରଣରେ ଘୋଷଣା କରାଯାଇଛି। ଶୁକ୍ରବାର ଘୋଷିତ ହୋଇଥିବା ସମସ୍ତ ୩ଜଣ ପଳାତକ ଅପରାଧି ସ୍ଥାନୀୟ ବଡବଜାର ଥାନା ଇଲାକାର। ୨୦୦୭ମସିହାର ଏକ ମାମଲାରେ ସମ୍ପୃକ୍ତ ମାଧବନଗରର ଅଭିଯୁକ୍ତ କେ.ଗିରିବାବୁ ଦିର୍ଘ ୧୬ବର୍ଷ ଧରି ପୁଲିସ ଆଖିରେ ଧୂଳିଦେଇ ଫେରାର ରହିଛି। ସେହିପରି ୨୦୦୪ମସିହାର ଏକ ମାମଲାରେ ଫୁଲସୁନ୍ଦରୀ ସାହିର କାଳିଆ ସାହୁ ଓ ପଞ୍ଚୁଦେଉଳ ସାହିର ରାଜେନ୍ଦ୍ର ଦାସ ଦିର୍ଘ ବର୍ଷ ଧରି ଫେରାର ରହିଛନ୍ତି। ବାରମ୍ବାର ନେଟିସ ଓ ସମନ ସତ୍ତ୍ୱେ ଉପରୋକ୍ତ ଅଭିଯୁକ୍ତମାନେ କୋର୍ଟରେ ହାଜର ନହେବାରୁ ସେମାନଙ୍କ ବିରୋଧରେ କୋର୍ଟ ଜାମିନ୍ ବିହୀନ ଗିରଫ ପରୱାନା ଜାରି କରିଥିଲେ। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶରେ ବଡବଜାର ଥାନା ପୁଲିସ ପକ୍ଷରୁ ଉପରୋକ୍ତ ୩ଅଭିଯୁକ୍ତଙ୍କ ଘର ନିକଟରେ ପହଞ୍ଚି ପ୍ରଥମେ ଡେଙ୍ଗୁରା ବାଡେଇଥିଲେ। ଏହାସହ ଡାକବାଜି ଯନ୍ତ୍ର ସାହାଯ୍ୟରେ କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଥିଲା। ଧାରା ୮୨ଅନୁସାରେ ଉପରୋକ୍ତ ଅଭିଯୁକ୍ତଙ୍କୁ ପୁଲିସ ପଳାତକ ଘୋଷଣା କରି ୩୦ଦିନ ବା ଏକ ମାସ ମଧ୍ୟରେ ଆତ୍ମସମର୍ପଣ ପାଇଁ ଘର ସମ୍ମୁଖରେ ଲଟକା ଜାରୀ କରିଛି। ସେହିଭଳି ଗତ ମଙ୍ଗଳବାର ୨ଜଣ ଓ ବୁଧବାର ୬ଜଣ ଏବଂ ଶୁକ୍ରବାର ପୁଣି ୩ଜଣ ଏହିଭଳି ଗତ ୩ଦିନ ମଧ୍ୟରେ ମୋଟ ୧୧ଜଣ କୁଖ୍ୟାତ ତଥା ଫେରାର ଅପରାଧିଙ୍କୁ ବ୍ରହ୍ମପୁର ପୁଲିସ ପକ୍ଷରୁ ପଳାତକ ଘୋଷଣା କରାଯାଇଛି। ସେହିଭଳି ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବ୍ରହ୍ମପୁର ପୁଲଇସ ପକ୍ଷରୁ ଜେଲ ଫେରନ୍ତା ଓ ପୁରୁଣା ଅପରାଧିଙ୍କୁ ଚିହ୍ନଟ କରି ସେମାନଙ୍କର ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯାଇଛି। ଏବଂ ୱାରେଣ୍ଟବଳରେ ମୋଟ ୨୫୦ରୁ ଊର୍ଦ୍ଧ୍ୱ ଅପରାଧିଙ୍କ ମଧ୍ୟରୁ ଗତ ୧୮ ଦିନ ମଧ୍ୟରେ ବିଭିନ୍ନ ଥାନା ପକ୍ଷରୁ ୧୩୦ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୩୫ଜଣ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ଅପରାଧିଙ୍କ ବିରୋଧରେ ପୁଲିସ ପକ୍ଷରୁ ଶୂନ୍ୟ ସହନଶୀଳତା ମନୋଭାବ ପ୍ରଦର୍ଶନ କରି ଏଭଳି ଚଢଉ ଓ କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍।

# ଟିପିଏସ୍‌ଓଡିଏଲ୍‌ର ରକ୍ତଦାନ ଶିବିର, ୫୫ ୟୁନିଟ୍ ସଂଗୃହୀତ

ବ୍ରହ୍ମପୁର, ୧୯ ।୧(ସମିସ)

ଟିପିଏସ୍‌ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ପକ୍ଷରୁ ଜୟପୁରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସାମାଜିକ ଦାୟିତ୍ୱବୋଧ ପ୍ରତିପାଦନ ସହ ନିଜ ସମ୍ପ୍ରଦାୟକୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହି ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା। ଏହି ରକ୍ତଦାନ ଶିବିରରେ କମ୍ପାନୀର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସମୁଦାୟ ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ରକ୍ତଦାନ ଶିବିରର ଆୟୋଜନ କରି କମ୍ପାନୀ ଗୋଷ୍ଠୀ ତଥା ସାମାଜିକ କଲ୍ୟାଣ କ୍ଷେତ୍ରରେ ନିଜ ସଫଳତା ତାଲିକାରେ ଏକ ନୂଆ ଫର୍ଦ୍ଦ ଯୋଡିପାରିଛି।ଟିପିଏସ୍‌ଓଡିଏଲ୍ ସଦାସର୍ବଦା ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ସହଯୋଗପୂର୍ଣ୍ଣ କାର୍ଯ୍ୟକଳାପ ପାଇଁ ପ୍ରତିବଦ୍ଧ ରହିଛି।

ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି ଯେ, ‘ ଏହି ରକ୍ତଦାନ ଶିବିର, ସମାଜର ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ପ୍ରତି କମ୍ପାନୀର ଥିବା ନିଷ୍ଠାପର ସହଯୋଗୀ କାର୍ଯ୍ୟକଳାପକୁ ପ୍ରମାଣିତ କରୁଛି। ସେହିଭଳି କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କର ଉତ୍ସାହପୂର୍ଣ୍ଣ ଯୋଗଦାନ ସମାଜର ଉନ୍ନତି କ୍ଷେତ୍ରରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଶିବିରରେ ଜୟପୁର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ର ଓ ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀଙ୍କ ସମେତ ସିଏସଆର୍ ବିଭାଗର ମୁଖ୍ୟ ରନ୍ଧୀର କୁମାର ପ୍ରମୁଖ ଉପସ୍ଥିତ ଥିଲେ। 'ଆମ ଓଡ଼ିଶା' ଓ ଜୟପୁରସ୍ଥିତ ସରକାରୀ ରକ୍ତ ଭଣ୍ଡାରର ସହଭାଗିତାରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକାଶର କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର, ୧୯ ।୧(ସମିସ):** ସ୍ଥାନୀୟ ବ୍ରହ୍ମାନଗର ସ୍ଥିତ କାର୍ଯ୍ୟାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ବିକାଶ’ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମାଜର ନିଷ୍ପେଶିତ, ଆର୍ଥିକ ଅନଗ୍ରସର, ଦଳିତ, ଆଦିବାସୀ, ମହିଳା ସମେତ ବିଭିନ୍ନ ବର୍ଗର ସାଧାରଣ ଜନତାଙ୍କ ବିକାଶ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଛି। ଆଗମୀ ମାର୍ଚ୍ଚ ୩ତାରିଖରେ ବିକାଶ ଅନୁଷ୍ଠାର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ ନିଷ୍ପତି ହୋଇଥିଲା। ଉକ୍ତଦିନ ରକ୍ତ ଦାନ ଶିବିର, ଭୋଟ ମତଦାନ ସଚେତନତା ଓ ସାଇବର ଅପରାଧ ସଚେତନତା ପ୍ରମୁଖ ବିଷୟରେ ଆଲେଚନା ହେବ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ସମ୍ପାଦକ ନାରାୟଣ ମହାକୁଡ଼, କୋଷାଧ୍ୟକ୍ଷ ଡ. ରାଧା ଚରଣ ସାହୁ, ସହ ସମ୍ପାଦକ ନାଗେଶ୍ୱର ପୃଷ୍ଟି, କାର୍ଯ୍ୟକାରିଣୀ ସଭ୍ୟ ଯମୁନା ନାୟକ, ଶରତ ଚନ୍ଦ୍ର ମହାରଣା, ଭାବଗ୍ରାହୀ ପାଳ, ସୁନିଲ ପାତ୍ର, କୃଷ୍ଣ ଚନ୍ଦ୍ର ପଣ୍ଡା, ନବୀନ ଚନ୍ଦ୍ର ମହାପାତ୍ର, ଶିଶିର କୁମାର ରଥଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସୌନ୍ଦର୍ଯ୍ୟ ନଷ୍ଟ କରୁଛି ପାଚେରିର ପୋଷ୍ଟର

ବ୍ରହ୍ମପୁର, ୧୯ ।୧(ସମିସ








**ଲଗାଉଥିବା ସଂସ୍ଥା ଓ ପ୍ରତିଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ବ୍ରହ୍ମପୁର ସହରକୁ ସୁନ୍ଦର ଓ ଆକର୍ଷଣୀୟ କରିବା ଲକ୍ଷ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କିଛିବର୍ଷ ପୂର୍ବେ ସହରର ବିଭିନ୍ନ ସ୍ଥାନରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପ୍ରାଚୀରରେ ଚିତ୍ର ଅଙ୍କାଯାଇଥିଲା। ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପାର ସହିତ ବିଭିନ୍ନ ସାମାଜିକ ବାର୍ତ୍ତାବହନ କରୁଥିବା ଚିତ୍ର ଜରିଆରେ ଏହା ଯେ କେବଳ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲା ଏହା ନୁହେଁ ବରଂ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ ମଧ୍ୟ କରୁଥିଲା। ଏହାଦ୍ୱାରା ବହୁ ଯୁବ ଚିତ୍ରଶିଳ୍ପୀଙ୍କୁ ରୋଜଗାର ମଧ୍ୟ ମିଳିଥିଲା। ବିଏମସିର ଏଭଳି ପଦେକ୍ଷପ ଫଳରେ ସହରର ନିର୍ଜୀବ କାନ୍ଥ ଗୁଡିକୁ ଜୀବନ୍ତ କରିଦେଇଛି କଳା ଓ ସଂସ୍କୃତିର ଚିତ୍ର। ମହାମାରୀ କରୋନା ସମୟରେ ସଚେତନା ସୃଷ୍ଟି କରିବା ପାଇଁ ସହର ରାସ୍ତାପାର୍ଶ୍ୱ କାନ୍ଥରେ ମାସ୍କ ପରିଧାନ ଠାରୁ ଆରମ୍ଭ କରି ଭୂତାଣୁ ଠାରୁ ନିଜକୁ ରକ୍ଷା କରିବା ଭଳି ସଚେତନତା ବର୍ତ୍ତା ଚିତ୍ର ମାଧମରେ ଦିଆଯାଇଥିଲା। ସେହିପରି ହକି ବିଶ୍ୱକପ ନିମନ୍ତେ କାନ୍ଥରେ କ୍ରୀଡ଼ା, ପ୍ରାକୃତିକ ଦୃଶ୍ୟରାଜି, କଳାକାର, ଖେଳାଳି, ମହାପୁରୁଷ, ବିଶିଷ୍ଟ ଜନନାୟକ, ସାହିତ୍ୟିକ, ଓଡ଼ିଶାର କଳା ନୈପୁଣ୍ୟ ଆଦି ଝଲସି ଉଠୁଥିଲା। ରଙ୍ଗବେରଙ୍ଗର ଚିତ୍ରକଳାରେ ଜିଲ୍ଲାର ଐତିହ୍ୟ ପରମ୍ପରାର ଝଲକ ଦର୍ଶାଯାଇଛି। ସହରର କମାପଲ୍ଲୀ, ଶଶୀଭୂଷଣ ରଥ ମହିଳା ମହାବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ଷ୍ଟାଡିୟମ୍ ଓ ପୁରୁଣା ବ୍ରହ୍ମପୁର ପରି ସହରର ବହୁ କାନ୍ଥରେ କଳାକୃତି ଚିତ୍ରକଳାକୁ ବେଶ ନିଖୁଣ ଭାବରେ ଚିତ୍ରକାରମାନେ ଚିତ୍ର କରିଥିବା ବେଳେ ସହରର ସମସ୍ତ ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଏଥିପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବହୁଅର୍ଥ ବ୍ୟୟ କରାଯାଇଛି। ତେବେ ବିଏମସି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଦିନକୁ ଦିନ ଏସବୁ ଚିତ୍ର ନଷ୍ଟହେବାରେ ଲାଗିଛି। କେଉଁ କାନ୍ଥରେ ଗଛ ମାଳିଗଲାଣି ତ ଆଉକେଉଁଠି ବ୍ୟବସାୟୀ ଓ ରାଜନୈତିକ ପୋଷ୍ଟରରେ ପୁରା କାନ୍ଥ ପରିପୂର୍ଣ୍ଣ ହୋଇଗଲାଣି। ବିଭିନ୍ନ ଘରୋଇ ସଂସ୍ଥା ପକ୍ଷରୁ ବିଜ୍ଞାପନ ବାବଦରେ ପୋଷ୍ଟର ସହରର ବିଭିନ୍ନ କାନ୍ଥରେ ଶୋଭାପାଉଛି। ଯାହା ସହରର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି। ଏଭଳି ଅମାନିଆ ଘରୋଇ ସଂସ୍ଥା ଉପରେ ବ୍ରହ୍ମପୁର ମହାନଗର ନିଗମର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା କାରଣରୁ ଏଭଳି କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗୁଛି। ସହରରେ ଏଭଳି ବେନିୟମ ତଥା ସୌନ୍ଦର୍ଯ୍ୟ ନଷ୍ଟ କରୁଥିବା ପୋଷ୍ଟର ହଟାଇବା କାର୍ଯ୍ୟରେ ଗତ ୫ବର୍ଷ ଧରି ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ “ଟିମ କ୍ଲିନ ସିଟି” ନିଜର କାର୍ଯ୍ୟ ଜାରି ରଖିଛି। ତେବେ ଏକ୍ଷେତ୍ରରେ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଆଗକୁ ଆସି ବେନିୟମ ପୋଷ୍ଟର ଲଗାଉଥିବା ବ୍ୟକ୍ତି ବା ସଂସ୍ଥା ବିରୋଧରେ ଦୃଷ୍ଟ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହାକୁ ରୋକାଯାଇ ପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି। ସେପଟେ ସହରରେ ଯେଉଁ କାନ୍ଥରେ ଅଙ୍କା ଯାଇଥିବା ଚିତ୍ର ଉପରେ ପୋଷ୍ଟର ଲାଗାଯାଇଛି ସେଗୁଡିକୁ ଚିହ୍ନଟ କରି ବାହାର କରାଯିବ। ଏସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନ କରାଯିବ, ପରେ ଯଦି କୌଣସି ସଂସ୍ଥା ପକ୍ଷରୁ ପୁନଃ ପୋଷ୍ଟର ଲଗାଯାଏ ତେବେ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା କହିଛନ୍ତି।

# ବିଦ୍ୟୁତ୍ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କଲା ଟିପିଏସ୍‌ଓଡିଏଲ୍



**ବ୍ରହ୍ମପୁର, ୧୯ ।୧(ସମିସ):** ଶକ୍ତି ଯୋଗାଣ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗକୁ ଟିପିଏସ୍‌ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ପ୍ରାଥମିକତା ଦେଉଛି। ଏହିକ୍ରମରେ କମ୍ପାନୀ ପକ୍ଷରୁ ରାୟଗଡ଼ା ସର୍କଲ ଅନ୍ତର୍ଗତ ସିରିଗୁଡାଠାରେ ସ୍କାଡାଭିତ୍ତିକ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି) ତଥା ଅଞ୍ଚଳ ବିଦ୍ୟୁତ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରକୁ ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଗର୍ଗ ଉଦଘାଟନ କରିଛନ୍ତି। ରାୟଗଡ଼ାରେ ଏହି କେନ୍ଦ୍ରର ପ୍ରତିଷ୍ଠା ସହ କମ୍ପାନୀ ଓଡ଼ିଶାର ଏକମାତ୍ର ବିଦ୍ୟୁତ ବିତରଣ କମ୍ପାନୀ ଭାବେ ନିଜର ସମସ୍ତ ସର୍କଲକୁ ସ୍ୱତନ୍ତ୍ର ଏପିଏସସିସି ସହ ଯୋଡ଼ିବାରେ ସଫଳ ହୋଇଛି। ଏହି କେନ୍ଦ୍ରଗୁଡ଼ିକ ଦିନରାତି କାର୍ଯ୍ୟକ୍ଷମ ରହୁଥିବା ବେଳେ ବିଦ୍ୟୁତ ନେଟୱାର୍କର ସୁପରିଚାଳନା, ବିଦ୍ୟୁତ କାଟକୁ ନିୟନ୍ତ୍ରଣ ତଥା ବିଦ୍ୟୁତ ସରବରାହର ତ୍ୱରିତ ପୁନଃରୁଦ୍ଧାର କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି ବୈଷୟିକ ରୂପାନ୍ତରଣ ଭରସାଯୋଗ୍ୟ ତଥା ସମୟଉପଯୋଗୀ ବିଦ୍ୟୁତ ସେବା ଯୋଗାଇବାରେ ସକ୍ଷମ ହେଉଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି ଯେ, ‘ଆମେ ସମସ୍ତ ସର୍କଲରେ ଏପିଏସସିସି ପ୍ରତିଷ୍ଠା କରିସାରିଛୁ। ଉପଭୋକ୍ତାଙ୍କ ସନ୍ତୁଷ୍ଟି କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ। ଆମେ ନିଶ୍ଚୟ ଯେ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ତଥା ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ଜାରି ରହିବ। ଅଞ୍ଚଳ ବିଦ୍ୟୁତ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ରଗୁଡିକୁ ସ୍କାଡାସହ ଏକତ୍ରୀକରଣ କରିବା ଦ୍ୱାରା

- ପ୍ରଥମ ବିତରଣ କମ୍ପାନୀ ଭାବେ ମିଳିଲା ସଫଳତା
- ରାୟଗଡ଼ାରେ ନୂତନ କେନ୍ଦ୍ର ଉଦ୍‌ଘାଟିତ
- ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗକୁ ପ୍ରାଥମିକତା

ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସମୟ ସାପେକ୍ଷ ପରିଚାଳନା ଉନ୍ନତ ହୋଇପାରିଛି। ଏହି ବ୍ୟବସ୍ଥା ମାଧ୍ୟମରେ ଅପରେଶନ ଟିମକୁ ସଠିକ ସମୟରେ ସଠିକ ସୂଚନା ମିଳିପାରୁଛି। ଯାହା ଫଳରେ ଏସଏମଏସ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ଯୋଗାଣ ସମ୍ପର୍କିତ ଆଗୁଆ ସୂଚନା ମିଳିପାରୁଛି। ଏହା ସହ କଲ ସେଣ୍ଟରକୁ ମଧ୍ୟ ଆଗୁଆ ସୂଚନା ପହଞ୍ଚିପାରୁଛି। ବିଦ୍ୟୁତ ଯୋଗାଣକୁ ପୁନରୁଦ୍ଧାର କରିବା, ଡାଉନ ଟାଇମ ହ୍ରାସ କରିବା ଓ ବିଦ୍ୟୁତ ଯୋଗାଣର ବିଶ୍ୱସନୀୟତା ତଥା ଗୁଣବତ୍ତାକୁ ବୃଦ୍ଧି କରିବା ଦିଗରେ ସ୍କାଡାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

# ଅନ୍‌ଲାଇନ୍ ପୁଞ୍ଜିନିବେଶ ଆଳରେ ଯୁବତୀଙ୍କଠାରୁ ଲୁଟିନେଲେ ୧ ଲକ୍ଷ

**ବ୍ରହ୍ମପୁର, ୧୯ ।୧(ସମିସ):** ଟେଲିଗ୍ରାମ ଚ୍ୟାନେଲ ଜରିଆରେ ଅନଲାଇନରେ ପୁଞ୍ଜିନିବେଶ କରି ଅଧିକ ଲାଭ ପାଇବାର ଲୋଭ ଦେଖାଇ ସାଇବର ଠକଙ୍କ ଜାଲରେ ପଡ଼ିଛନ୍ତି ଜଣେ ଯୁବତୀ। ବ୍ରହ୍ମପୁରର ଜନୈକା ଯୁବତୀଙ୍କ ଠାରୁ ସାଇବର ଠକ ଲୁଟିନେଇଛନ୍ତି ୧ଲକ୍ଷ ଟଙ୍କା। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାପ୍ରକାରେ, ଗଜପତିନଗର ନିବାସୀ ଦେବକୀ ରେଡି(ଛଦ୍ମନାମ) ଯୁବତୀ ଜଣକ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହି ହ୍ୱାଟସଆପ ଓ ଟେଲିଗ୍ରାମ ଭଳି ଆପ ବ୍ୟବହାର କରୁଛନ୍ତି। କିଛିଦିନ ପୁର୍ବେ ଟେଲିଗ୍ରାମର ଏକ ଚ୍ୟାନେଲରେ ତାଙ୍କ ନିକଟକୁ ଏକ ସୂଚନା ଆସିଥିଲା। ଟେଲିଗ୍ରାମ ଚ୍ୟାନେଲରେ ଥିବା ‘କଇନ୍ ସୁଇଚ’ ନାମକ ଏହି ଚ୍ୟାନେଲ ଜରିଆରେ ଅନଲାଇନରେ ଟଙ୍କା ଇନଭେଷ୍ଟ କଲେ ଭଲ ଲାଭ ମିଳିବ ବୋଲି ତାଙ୍କୁ କୁହାଯାଇଥିଲା। ସେହିକ୍ରମରେ ଦେବକୀ ପ୍ରଥମେ ୫ହଜାର ଟଙ୍କା ଇନଭେଷ୍ଟ କରିଥିଲେ। ଏହାପରେ ପର୍ଯ୍ୟାୟ କ୍ରମେ ସେ ୩ଥରରେ ୯୦ହଜାର ଟଙ୍କା ନିବେଶ କରିଥିଲେ। ହେଲେ ଚ୍ୟାନେଲ ପକ୍ଷରୁ ତାଙ୍କୁ କୌଣସି ଲାଭ ମିଳିନଥିଲା। ଏପରିକି ନିଜ ମୂଳ ଟଙ୍କା ଉଠାଣ ପାଇଁ ମଧ୍ୟ ଯୁବତୀଙ୍କ ନିକଟରେ କୌଣସି ସୁଯୋଗ ନଥିଲା। ଏସମ୍ପର୍କରେ ଦେବକୀ ଚ୍ୟୋନଲ ସହ ବାରମ୍ବାର ଯୋଗଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଫଳରେ ସେ ବାଧ୍ୟହୋଇ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଦୁଇଭାଇଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୧୯ ।୧(ସମିସ):** ସ୍ଥାନୀୟ ରେଡିଓଷ୍ଟେସନ ନିକଟରେ ଜଣେ ଗ୍ୟାରେଜ ଦୋକାନୀ ଓ ତାଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ରେଡିଓଷ୍ଟେସନ ନିକଟସ୍ଥ ଲକ୍ଷ୍ମୀନଗରର ଶ୍ରୀତମ ସାହୁ (୨୩)। ସୂଚନାଯୋଗ୍ୟ ଯେ, ଶକ୍ତିନଗର ଷଷ୍ଠ ଲାଇନ ନିବାସୀ ଶ୍ରୀକାନ୍ତ ମହାରଣା ସ୍ଥାନୀୟ ରେଡିଓଷ୍ଟେସନ ନିକଟରେ ଏକ ଗ୍ୟାରେଜ କରିଛନ୍ତି। ଗତ ୧୪ତାରିଖ ବିଳମ୍ବିତ ରାତିରେ ଗେଟବଜାର ରେଡିଓଷ୍ଟେସନ ନିକଟସ୍ଥ ଲକ୍ଷ୍ମୀନଗରର ଶ୍ରୀତମ ସାହୁ ଦାଦାବାଟି ବାବଦକୁ ଶ୍ରୀକାନ୍ତଙ୍କୁ ୧୦ହଜାର ଟଙ୍କା ଦାବି କରିଥିଲା। ଶ୍ରୀକାନ୍ତ ଟଙ୍କା ଦେବାକୁ ମନା କରିବାରୁ ଶ୍ରୀତମ ଗାଳିଗୁଳଜ କରିବା ସହ ଗ୍ୟାରେଜ ଭଙ୍ଗାରୁଜା କାରିଥିଲା। ଖବର ପାଇ ଶ୍ରୀକାନ୍ତଙ୍କ ଭାଇ ଚନ୍ଦ୍ରଶେଖର ଗ୍ୟାରେଜରେ ପହଞ୍ଚିଥିଲେ। ଉଭୟେ ଦାଦାବଟିକୁ ପ୍ରତିବାଦ କରିବାରୁ ଶ୍ରୀତମ ଦୁଇଭାଇଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ଚନ୍ଦ୍ରଶେଖରଙ୍କ ଆଖିରେ ଗଭୀର ଆଘାତ ଲାଗିଥିଲା। ପରେ ଘଟଣାକୁ ନେଇ ଚନ୍ଦ୍ରଶେଖରଙ୍କ ଭାଇ ଶ୍ରୀକାନ୍ତ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଓଡ଼ିଶାରୁ ଚାଲାଣ ଗଞ୍ଜେଇ ଛତିଶଗଡ଼ରେ ଧରାପଡ଼ିଲା

**ବ୍ରହ୍ମପୁର, ୧୯ ।୧(ସମିସ)**

ଓଡ଼ିଶାରୁ ଚାଲାଣ ହୋଇଥିବା ଗଞ୍ଜେଇ ଛତିଶଗଡ଼ରେ ଧରାପଡ଼ିଛି। ଘଟଣାରେ ଗଞ୍ଜାମ ଜିଲ୍ଲାର ଦୁଇଟି ଟ୍ରକ୍‌କୁ ଚିଚୋଲା ଜିଲ୍ଲାର ରାଜନନ୍ଦ ଗାଁ ପୁଲିସ ଗଞ୍ଜେଇ ସହ ଧରିଛି। ଏହି ମାମଲାରେ କନ୍ଧମାଳ ଜିଲ୍ଲାର ରଞ୍ଜନ ବେହେରା, ସୁବାସ ଛତ୍ର, ଅଶୋକ ବେହେରା ଓ ରଘୁନାଥ କହଁର ଦୁଇଟି ଟ୍ରକ୍‌ରେ ଛତ୍ରପୁରରୁ କଳାବାଲି ଗୁଜୁରାଟ ଚାଲାଣ କରୁଥିଲେ। ଗତ ୧୫ତାରିଖରେ ଛତିଶଗଡ଼ ପୁଲିସ ନାକାବନ୍ଦୀ କରି ଏହି ଟ୍ରକ୍‌କୁ ଯାଞ୍ଚ କରିଥିଲା। ଦୁଇଟି ଟ୍ରକ୍‌ରୁ

**● କଳାବାଲି ବୋଝେଇ ଦୁଇଟି ଟ୍ରକ୍ ଜବତ**
**● କନ୍ଧମାଳର ୪ ଗଞ୍ଜେଇ ମାଫିଆ ଗିରଫ**

୩୦କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହି ମାମଲାରେ ଛତିଶଗଡ଼ ପୁଲିସ ଉପରୋକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜବତ ଦୁଇଟି ଟ୍ରକ୍ ଛତ୍ରପୁର ଆଇଆର୍‌ଇରୁ କଳାବାଲି ଲୋଡିଂ କରି ଗୁଜୁରାଟ ଯାଉଥିଲେ। ପୁଲିସ ସୂଚନା ପ୍ରକାରେ ଗତ ୧୫ତାରିଖରେ ଦୁଇଟି ଟ୍ରକ୍( ଓଡ଼ି୭ଏ ୭୮୧୫ ଏବଂ ଓଡି ୧୯ଜେ ୯୨୩୧) ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଛତିଶଗଡ଼ ଚିଚୋଲା ଥାନା ପୁଲିସ ସୂଚନା ପାଇଥିଲା। ପାଟକୋହରା ଠାରେ ପୁଲିସ ନାକାବନ୍ଦୀ କରି ଗାଡ଼ି ଯାଞ୍ଚ କରିଥିଲା। କଳାବାଲି ବୋଝେଇ ଉପରୋକ୍ତ ଦୁଇ ଟ୍ରକ୍‌ରୁ ୩୦କିଲୋ ଗଞ୍ଜେଇ ମିଳିଥିଲା। ଚିଚୋଲା ପୁଲିସ ଗଞ୍ଜେଇ ଓ ଟ୍ରକ୍ ଜବତ କରିବା ସହ ୪ଜଣ ଚାଲାଣକାରୀଙ୍କୁ ଗିରଫ କରିଛି। ଏହି ଦୁଇଟି ଟ୍ରକ ଧରାପଡ଼ିବା ପରେ ସମସ୍ତ ଟ୍ରକ ଉପରେ ପଡୋଶୀ ରାଜ୍ୟ ପୁଲିସର ନଜର ରହିଛି। ଗାଡ଼ିଗୁଡ଼ିକୁ ସନ୍ଦେହ ନଜରରେ ରଖି ଯାଞ୍ଚ କରାଯାଉଛି।

# ଜମିବିକ୍ରି ନାଁରେ ମହିଳାଙ୍କଠାରୁ ଠକେଇ

**ବ୍ରହ୍ମପୁର, ୧୯ ।୧(ସମିସ):** ଜମିବିକ୍ରି ନାଁରେ ଜଣେ ମହିଳାଙ୍କ ଠାରୁ ଟଙ୍କା ୨ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଆଙ୍କୁଲି ଶିଳ୍ପାଞ୍ଚଳର ମହିଳା ସଂଯୁକ୍ତାରାଣୀ ମହାନ୍ତି ରଙ୍ଗିପୁର ମୌଜାରେ ଏକ ପ୍ଲଟ କିଣିଥିଲେ। ଏହି ପ୍ଲଟ କିଣାବିକାରେ ସୁନାରିବନ୍ଧ ସାହିର ସୁନୀଲ କୁମାର ତ୍ରିପାଠୀ ମଧ୍ୟସ୍ଥତା ରହିଥିଲେ। ପରବର୍ତ୍ତୀ ସମୟରେ ସେହି ପ୍ଲଟକୁ ଲାଗି ରହିଥିବା ଆଉ କିଛି ଜାଗା ମଧ୍ୟ କିଣାଇ ଦେବେ ବୋଲି ସଂଯୁକ୍ତାରାଣୀଙ୍କୁ ମଧ୍ୟସ୍ଥି ସୁନୀଲ ଆଶା ଦେଖାଇଥିଲା। ସେହିକ୍ରମରେ ସଂଯୁକ୍ତାରାଣୀ ସୁନୀଲଙ୍କୁ ୨ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ତେବେ ସୁନୀଲ ଟଙ୍କା ନେବାପରେ ପ୍ରକୃତ ଜମି ମାଲିକଙ୍କୁ ସେହି ଟଙ୍କା ନଦେଇ

**● ମଧ୍ୟସ୍ଥିଙ୍କ ନାଁରେ ମାମଲା ରୁଜୁ**

ନିଜେ ଆତ୍ମସାତ କରି ଦେଇଥିଲେ। ଏବଂ ଦିର୍ଘ ୮ମାସ ପର୍ଯ୍ୟନ୍ତ ଜମି ପଞ୍ଜିକରଣ କରିବା ଦିଗରେ କୌଣସି ଉଦ୍ୟମ ମଧ୍ୟ କରିନଥିଲେ। ଜମି କିଣାରେ ବିଳମ୍ବ ହେବାରୁ ସଂଯୁକ୍ତାରାଣୀ ସୁନୀଲଙ୍କୁ ଫୋନଯୋଗେ ବାରମ୍ବାର ଯୋଗାଯୋଗ କରି ବିଫଳ ହୋଇଥିଲେ। ଏହାପରେ ସେ ପ୍ରକୃତ ଜମିମାଲିକଙ୍କ ସହିତ ଯୋଗାଯୋଗ ପରେ ସୁନୀଲ ତାଙ୍କୁ ଟଙ୍କା ଦେଇନଥିବା ଜାଣିବାକୁ ପାଇଥିଲେ। ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ ମଧ୍ୟସ୍ଥି ସୁନୀଲଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର

**ଗଞ୍ଜାମ, ୧୯ ।୧(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ସହିଦ ଭଗତସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରଧାପକ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ




ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ମିନତି ପାଟନାୟକ ଯୋଗଦେଇ ଉଦଘାଟନ କରିଥିଲେ। ସଂଯୋଜିକା ଅଧାପିକା ମିନତି ରଥ ଓ ମାଷ୍ଟର ଟ୍ରେନର ମନସ୍ମିତା ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ପଥର ଖାଦାନ ବନ୍ଦ କରିବାକୁ ଦାବିପତ୍ର

**ଛତ୍ରପୁର, ୧୯ ।୧(ସମିସ):** କୁକୁଡାଖଣ୍ଡି ତହସିଲ ଅନ୍ତର୍ଗତ ଏ. ରଘୁନାଥପୁର ମୌଜାରେ ଚାଲିଥିବା ପଥର ଖାଦାନ ତୁରନ୍ତ ବନ୍ଦ କରିବାକୁ ଦାବି ହୋଇଛି। ଏନେଇ ଶୁକ୍ରବାର ଉକ୍ତ



ଗ୍ରାମବାସିନ୍ଦା ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପଥର ଖାଦାନ ଯୋଗୁଁ ଗ୍ରାମବାସୀ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିସ୍ଫୋରଣ ଯୋଗୁଁ ଗୃହ ପାଳିତ ପଶୁ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏହା ସହିତ କେତେବେଳେ ପଥର ପଡ଼ି ଜନ ଜୀବନ ଅସୁରକ୍ଷିତ ରହୁଛନ୍ତି। ପରିବେଶ ଦୂଷିତ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି। ଏଣୁ ତୁରନ୍ତ ବନ୍ଦ କରିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ସଭାପତି ମହନ୍ତ ଚିନ୍ମୟାନନ୍ଦ, ଯୁବ ନେତା ସିଦ୍ଧାର୍ଥ ଗଙ୍ଗଦେବ, ଜିଲ୍ଲା ବିଜେପି ସମ୍ପାଦକ ରାମ କୁମାର ସାମଲ, ପଞ୍ଚୁ ଗୌଡ଼, ନିରଞ୍ଜନ ଡାକୁଆ, ଅଚଳ ଗୌଡ଼ଙ୍କ ସମେତ ବହୁ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ

**ଛତ୍ରପୁର, ୧୯ ।୧(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ଭିକାରୀପଲ୍ଲୀ ଶ୍ରୀହରିହରେଶ୍ୱର ଉଚ୍ଚ ବିଦ୍ୟାଳୟର ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ ଆୟୋଜିତ ହୋଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସର ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ



ଯୋଗଦେଇ ଉତ୍ସବ ଉଦଘାଟନ କରିଥିଲେ। ପୁସ୍ତକ ପଠନ ଦ୍ୱାରା ଜ୍ଞାନ, ଏକାଗ୍ରତା, ମସ୍ତିଷ୍କର କ୍ରିୟାଶୀଳତା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଚାପ ଶୂନ୍ୟତା, ସ୍ମୃତି ଶକ୍ତି ଉନ୍ନତ ହୋଇଥାଏ ବୋଲି ସେ କହିଥିଲେ। ପ୍ରଧାନ ଶିକ୍ଷକ କୋରେଶ ଚନ୍ଦ୍ର ଶତପଥିଙ୍କ ସଭାପତ୍ୱରେ ପରିଚାଳିତ ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ତାରିଣୀ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦ୍ୟାର୍ଥୀ ମାନେ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ତାରିଣୀ ପ୍ରସାଦ ଦାଶ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଜୟ କୁମାର ମହାପାତ୍ର, ଦଣ୍ଡପାଣି ଶତପଥି, ଜି.ସୁଜାତା ରାଣୀ, କାଳୁ ନାହାକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଷୁଦ୍ର ଗଳ୍ପ(ମୋ କଥା ଓ କାହାଣୀ), ବିଜ୍ଞାନ ପ୍ରକଳ୍ପ ଓ କ୍ରୀଡା କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା।

## ବିଦ୍ୟାଳୟସ୍ତରୀୟ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ

**ଜଗନ୍ନାଥପ୍ରସାଦ, ୧୯ ।୧(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ଅଧିନସ୍ଥ ପଞ୍ଚୁଭୁତି ନେହୁରୁ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ସାହିତ୍ୟ, ସୃଜନୀକୌଶଳ ଓ ପ୍ରତିଭା ପ୍ରଦର୍ଶନୀ କାର୍ଯ୍ୟକ୍ରମ



ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ର ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ କଲ୍ୟାଣୀ ପାଢ଼ୀ ଓ ବ୍ଲକ ଉପାଧ୍ୟକ୍ଷ ରଞ୍ଜିତ ପାତ୍ର, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଶ୍ୟାମଘନ ସେଠୀ ଯୋଗ ଦେଇଥିଲେ। ଅପରାହ୍ନରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଡିଗ୍ରୀ କଲେଜ ଅଧକ୍ଷ ପ୍ରଫେସର ସନାତନ ସାହୁ, ମୁଖ୍ୟ ବକ୍ତା ଆଦିକନ୍ଦ ସାହୁ, ସାମ୍ମାନିତ ଅତିଥି ଭାବେ ସୁବାଷ ଚନ୍ଦ୍ର ନାୟକ, ପୁରାତନ ଛାତ୍ର ହରିହର ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପାତ୍ର ମଂଚାସୀନ ଥିଲେ। ଚଳିତବର୍ଷ ବିଦ୍ୟାଳୟରେ ଚମ୍ପିୟାନ ଛାତ୍ର ଭାବେ ନବମ ଶ୍ରେଣୀର ସମୀର ବେହେରା, ଚମ୍ପିୟାନ ଛାତ୍ରୀ ଭାବେ ଦଶମ ଶ୍ରେଣୀର ସୋନାଲି ଗୌଡ଼ ଓ ସର୍ବୋତ୍ତମ ଛାତ୍ର ଭାବେ ଦଶମ ଶ୍ରେଣୀର ଓମ ପ୍ରକାଶ ଦୋରାଙ୍କୁ ସମ୍ମାନିତ ହୋଇଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବାଳ ମୁକୁନ୍ଦ ପ୍ରଧାନ, ଶିକ୍ଷୟତ୍ରୀ ଶୁଭଶ୍ରୀ ସେନାପତି, ଉର୍ମିଳା ସେଠୀ, ପୁଷ୍ପାଞ୍ଜଳି ପ୍ରଧାନ, ସୀତାରାଣୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ଧରାକୋଟ, ୧୯ ।୧(ସମିସ):** ଧରାକୋଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡ଼ିଓ ଡେନିସ ବେହେରା ଅଧକ୍ଷତା କରିଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ଟୁକୁନା ଗୌଡ଼ଡ, ସ୍ଥାନୀୟ ସରପଞ୍ଚ ପୁନିଆ ଦାସ, ପ୍ରମୁଖ ମଞ୍ଚାସିନ ରହି ଓଡ଼ିଶା ସରକାରଙ୍କ ଜନସାଧାରଣଙ୍କ ପାଇଁ ନିଆଯାଇଥିବା ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ



ଆଲୋଚନା କରିଥିଲେ। ଏ ଅବସରରେ ସର୍ବସାଧାରଣ ମାନଙ୍କ ପାଇଁ ଷ୍ଟଲ୍ ଖୋଲା ଯାଇଥିଲା। ତହସିଲଦାରଙ୍କ ଦ୍ୱାରା ହିତାଧିକାରୀଙ୍କୁ ପଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଦିଲିପ୍ କୁମାର ସ୍ୱାଇଁ, ଯୋଗାଣ ସହାୟକ ଗୋପାଳ ହରି ଗୌଡ଼, ନିର୍ବାହୀ ଅଧିକାରୀ କିଶୋର ସେଠି, ମୁନା ଜେନା, ଅତିରିକ୍ତ କମ୍ପୁଟର ପ୍ରୋଗ୍ରାମର ଅମେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସରଧାପୁରୁ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରୀ କାଳୁଚରଣ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।

# ମାଲେସିଆରେ ନୃତ୍ୟ ପ୍ରଦର୍ଶନ କଲେ ସୁଧାଂଶୁ

**ଛତ୍ରପୁର, ୧୯ ।୧(ସମିସ):** ମାଲେସିଆରେ ନୃତ୍ୟ ପ୍ରଦର୍ଶନ କରି ସୁନାମ ଅର୍ଜନ କଲେ ଛତ୍ରପୁରର ନୃତ୍ୟ ଗୁରୁ ତଥା ନୃତ୍ୟ ଶିଳ୍ପୀ ସୁଧାଂଶୁ ଶେଖର ଶତପଥି। ସୁନାମଧନ୍ୟ ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଗୁରୁ ତଥା ଗ୍ଲୋବାଲ ଆଇକନ ଗୁରୁ ଶାଶ୍ୱତ ଯୋଶୀଙ୍କ ଲାସ୍ୟକଳା ଟିମରେ ଛତ୍ରପୁର ସୁଧାଂଶୁ ଶେଖର ଶତପଥୀ ସାମିଲ ହୋଇ ମାଲେସିଆର ନେତାଜୀ ସୁବାସ ଚନ୍ଦ୍ର ବୋଷ ଇଣ୍ଡିଆନ କଲଚର ସେଣ୍ଟର ଠାରେ କଠଉ ନୃତ୍ୟ(କାଠ ପାଦ) କରି ଦର୍ଶକଙ୍କ ମନ ମୋହିଛନ୍ତି। ଗଞ୍ଜାମ ର ଲୋକକଳା



ବାଦ୍ୟରେ ସୁଧାଂଶୁ କଠଉ ନୃତ୍ୟ କରି ଉପସ୍ଥିତ ଦର୍ଶକ ମାନଙ୍କ ମନ କିଣିପାରିଥିଲେ। ସୁଧାଂଶୁ ପିଲାଟି ବେଳୁ ଓଡିଶୀ ନୃତ୍ୟ ଶିକ୍ଷା କରି ବିଭିନ୍ନ ମଞ୍ଚରେ ନିଜ ପ୍ରତିଭା ଦେଖାଇ ପାରିଛନ୍ତି। ୨୦୧୧ରେ ନିଜର ଅନୁଷ୍ଠାନ ମାଧ୍ୟମରେ ଅଞ୍ଚଳର କୁନି କୁନି ପିଲାଙ୍କୁ ଶିକ୍ଷାଦାନ ଆରମ୍ଭ କରିଥିଲେ। ପରେ ୨୦୧୭ ମସିହାରେ ଗଞ୍ଜାମ ର ଲୋକ କଳା କଠଉ, ରଣପ୍ପା, ଚଡେୟା ଚଡ଼େୟାଣୀ, ବାଘ ନାଚ, କୁମ୍ଭ ନାଚ ଆଦିକୁ ନିଜେ ପ୍ରଗତି କଳା କେନ୍ଦ୍ର ନାମରେ ଏକ ଅନୁଷ୍ଠାନ ତିଆରି କରି ଶିକ୍ଷାଦାନ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ନୂଆ ନୂଆ ନୃତ୍ୟ ଶିଳ୍ପୀଙ୍କୁ ବିଭିନ୍ନ ପ୍ରକାର ନୃତ୍ୟ ଶିକ୍ଷା ଦାନ କରିବା ସହିତ ବିଭିନ୍ନ ମଞ୍ଚରେ ନିଜ ଛାତ୍ର ଛାତ୍ରୀ ମାନଙ୍କୁ ନାଚିବାର ସୁଯୋଗ ଦେଉଛନ୍ତି। ଏହା ରାଜ୍ୟ ଓ ଜାତୀୟସ୍ତରୀୟ ରିୟଲିଟି ସୋ ମାନଙ୍କରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ନିଜେ ନୃତ୍ୟ ପ୍ରଦର୍ଶନ କରି ଆସୁଛନ୍ତି। ମାଲେସିଆରେ ନିଜ ପ୍ରତିଭାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ତାଙ୍କୁ ସୁଯୋଗ ଦେଇଥିବାରୁ ସେ ତାଙ୍କ ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଗୁରୁ ତଥା ଗ୍ଲୋବାଲ ଆଇକନ ଶାଶ୍ୱତ ଯୋଶୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ମାଲେସିଆରୁ ଫେରିବା ପରେ ଛତ୍ରପୁର ସହରର କିଛି କଳା ପ୍ରେମୀ ଏବଂ ତାଙ୍କ ଛାତ୍ରଛାତ୍ରୀ ମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାଷା ସାହିତ୍ୟ ଓ ସୃଜନଶୀଳତା ବାର୍ଷିକ ଉତ୍ସବ

**ଆସିକା, ୧୯ ।୧(ସମିସ):** ଆସିକା ବ୍ଲକ ଅନ୍ତର୍ଗତ ନଳବଣ୍ଟା ଗ୍ରାମ ପଞ୍ଚାୟତର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ପ୍ରମିଳା ବିଷୋୟୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ବିଧାୟିକା ମଞ୍ଜୁଳା ସ୍ୱାଇଁ, ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ କିରଣ ଭୁଆଁ ପ୍ରମୁଖ



ମଞ୍ଚାସୀନ ଥିଲେ। ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଏଠାରେ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ହାଡୁ ବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ, ଅଭିଭାବକ ମାନେ ଉପସ୍ଥିତ ଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



**କୋଦଳା, ୧୯ ।୧(ସମିସ):** କୋଦଳା ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଦାତ୍ତାରାମ ବିଷୋଇଙ୍କ ପୌରୋହିତ୍ୟରେ ନୂଆ-ଓ କାର୍ଯ୍ୟକ୍ରମ ଅଧିନସ୍ଥ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏଥିରେ ସ୍ନାତକ ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧାପିକା ରଞ୍ଜୁବାଳା ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନୋଡାଲ ଅଫିସର ରୋହିତ ବାରିକ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଧ।।ପକ ହୃଷିକେଶ ପ୍ରହରାଜ, କାଳନ୍ଦୀ ଚରଣ ଦାଶ, ପ୍ରିୟଙ୍କା ସାହୁ, ସନ୍ଧ୍ୟାରାଣୀ ଦଳାଇ, ପଞ୍ଚାନନ ଦାଶ, ଆଶୁତୋଷ ସାର ପ୍ରମୁଖ ମଞ୍ଚାସିନ ରହି ଓଡ଼ିଆ ଭାଷା, ସାହିତ୍ୟ ଜ୍ଞାନ ଓ ପ୍ରତିଭାର ବିକାଶ ଉପରେ ଆଲୋଚନା କରିବା ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେରେ ସୁନ୍ଦର ହସ୍ତାକ୍ଷର, ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ଓଡ଼ିଆ ଭଜନ, କବିତା ଲିଖନ, କବିତା ଆବୃତ୍ତି, ଓ ବକ୍ତୃତା ପ୍ରତିଯୋଗିତା ହୋଇଥିବା ବେଳେ ବିଚାରକ ଭାବେ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧାପକ ସାଗର ଚାନ୍ଦ ପାତ୍ର, ମୌଶୁମି ମିଶ୍ର, ମଞ୍ଚ ନାଟ୍ୟ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ସେହିପରି ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟର ଦ୍ୱିତୀୟ ଦିନରେ ସୁନ୍ଦର ହସ୍ତାକ୍ଷର, ଓଡ଼ିଆ ବକ୍ତୃତା, ଗଳ୍ପ କଥନ, କବିତା, ରଚନା ସହିତ ଓଡ଼ିଆ ଆନ୍ତାକ୍ଷରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରଘୁନାଥ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧାପକ ବିନୋଦ କୁମାର ମିଶ୍ର, ଗୃହଲକ୍ଷ୍ମୀ ସାହୁ, ପ୍ରଶାନ୍ତ କୁମାର ମହାପାତ୍ର, କାଳୀ ଶଙ୍କର ଦାଶ, ମୌଶୁମି ମିଶ୍ର, ସାଗରୀକା ଦାଶ ପ୍ରମୁଖ ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ।

## ବଟେଶ୍ୱର ବେଳାଭୂମିରେ ଯୁବତୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଗଞ୍ଜାମ, ୧୯ ।୧(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବଟେଶ୍ୱର ବେଳାଭୂମିରେ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ହେଲେ କିଛି ଦୃବୃର୍ତ୍ତ ବେଳାଭୂମିକୁ ଆସୁଥିବା ଯୁବତୀମାନଙ୍କୁ ର୍ଦ୍ୟବହାର କରୁଥିବା ଅଭିଯୋଗ ହେଉଛି। ଜୈନେକ ଯୁବତୀ ନିଜ ସାନ ଭାଇଙ୍କ ସହ ବେଳାଭୂମିକୁ ବୁଲିବା ପାଇଁ ଯାଇଥିବା ବେଳେ ନିକଟସ୍ଥ ଝାଉଁ ଜଙ୍ଗଲରେ ଥିବା ବେଳେ ଦୁଇଜଣ ଦୁର୍ବୃର୍ତ୍ତ ପିଛା କରି ତାଙ୍କୁ ର୍ଦ୍ୟବ୍ୟବହାର କରିଥିଲେ। ଫଳରେ ଯୁବତୀ ଜଣଙ୍କ ଦୌଡ଼ି ବେଳାଭୂମିକୁ ଚାଲି ଆସିଥିଲେ। ଯୁବତୀଙ୍କ ଭାଇ ପ୍ରତିବାଦ କରିବାରୁ ତାଙ୍କୁ ଧମକ ଦେଇଥିଲେ। ଏନେଇ ସଙ୍ଗେ ସଙ୍ଗେ ଯୁବତୀ ଜଣଙ୍କ ଫୋନ ଦ୍ୱାରା ନିଜ ବନ୍ଧୁ ମାନଙ୍କୁ ଜଣାଇଥିଲେ। ଖବର ପାଇ ବନ୍ଧୁଙ୍କ ସାଙ୍ଗମାନେ ପହଞ୍ଚି ସେମାନଙ୍କୁ ଉତ୍ତମ ମଧ୍ୟମ କରିଥିଲେ। ପର୍ଯ୍ୟଟକ ମାନଙ୍କୁ ଦୃବୃର୍ତ୍ତଙ୍କ ଦାଉରୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ଆତ୍ମ ସୁରକ୍ଷା ତାଲିମ ଶିବିର, ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

**ଧରାକୋଟ, ୧୯ ।୧(ସମିସ):** ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଧରାକୋଟ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳୀ ସୁବୁଦ୍ଧି ଏହାକୁ ଉଦଘାଟନ କରିଥିବା ବେଳେ ଅଧକ୍ଷ ଦିଗାମ୍ବର ବିଷୋୟୀ ସଭାପତିତ୍ୱ କରିଥିଲେ। ଅଧାପିକା ବବିତା ରାଣୀ ସାବତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ଜ୍ଞାନ କୌଶଳ ବିଷୟରେ ସଚେତନତା କରାଯାଇଥିଲା। ଅଧାପକ ରଞ୍ଜନ କୁମାର ପଟ୍ଟଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଦିଗାମ୍ବର ବିଷୋୟୀ ଏହାକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖମ୍ବେୟ ଦୋରା କଲେଜର ଓଡ଼ିଆ ଅଧାପକ ସଞ୍ଜୟ କୁମାର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ଭାବେ କବିସୂର୍ଯ୍ୟ ନଗର ସଂସ୍କୃତ କଲେଜ ଅଧାପକ ହେମନ୍ତ କୁମାର ଗନ୍ତାୟତ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଜଗନ୍ନାଥ ସଂସ୍କୃତି ଓ ଚେତନା ଉପରେ ଅବଗତ କରାଇଥିଲେ। ନୋଡାଲ ଅଫିସର ଅଧାପିକା ଡ ସୁମିତ୍ରା ପାଢ଼ୀ ଏଥିରେ ସଂଯୋଜନା କରିଥିବା ବେଳେ ଅଧାପକ ରଞ୍ଜନ କୁମାର ପଟ୍ଟଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପଥରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ଚୋରି

**ଖଲ୍ଲିକୋଟ, ୧୯ ।୧(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥରା ମେଡ଼ିକାଲରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମେଡ଼ିକାଲର ଗ୍ରୀଲ କାଟି ଚୋର




ନେଇ ଯାଇଛନ୍ତି କମ୍ପ୍ୟୁଟର, ଇନଭେଟର ଓ ବିଭିନ୍ନ ମେଡ଼ିକାଲ ସାମଗ୍ରୀ। ସବୁଦିନ ପରି ଗତକାଲି ମେଡ଼ିକାଲ ଗ୍ରିଲରେ ତାଲା ପକାଇ ଯାଇଥିଲେ କର୍ମଚାରୀ। ସକାଳୁ ଆସି କେହି ଦୁର୍ବୃତ୍ତ ଗ୍ରୀଲ କାଟି ଦେଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ଦେଖିବା ବେଳକୁ ଔଷଧ ଗୁଡିକ ଏଣେତେଣେ ବିଛାଡି ହୋଇ ପଡ଼ିଥିଲା। କମ୍ପ୍ୟୁଟର ସିଷ୍ଟମ, ଇନ୍ଭରଟର ଓ କେତେକ ମେଡ଼ିକାଲ ସାମଗ୍ରୀ ଗାଏବ ଥିଲା। ଏ ସମ୍ପର୍କରେ ପଥରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ଶୁଭଶ୍ରୀ ପ୍ରିୟଦର୍ଶିନୀ ଭେଜିପୁଟ ଫାଣ୍ଡିରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଅଭିଯୋଗ ପାଇ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ମେଡ଼ିକାଲରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

## ସାମୁଦ୍ରିକ ମତ୍ସ୍ୟଜୀବୀ ସଚେତନତା ଶିବିର

**ଛତ୍ରପୁର, ୧୯ ।୧(ସମିସ):** ମତ୍ସ୍ୟ ବିଭାଗ ପକ୍ଷରୁ ଆର୍ଯ୍ୟପଲ୍ଲୀ ଅଂଚଳ ସାମୁଦ୍ରିକ ମତ୍ସ୍ୟଜିବୀଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗଂଜାମ ଜିଲ୍ଲା



ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆ ସଚେତନ ଶିବିରରେ ଅଧକ୍ଷତା କରି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ସୁବ୍ରତ ପଟ୍ଟନାୟକ, ଓମ୍ଫରା-୧୯୮୨ର ନିୟମ ଓ ଏହାର ପରିଚାଳନା ଏବଂ ତତ୍ ସହିତ ମାଛଧରା ନିଷେଧ ସମୟରେ ଥିବା ନିୟମାବଳୀ ଉପରେ ଅବଗତ କରିଥିଲେ। ବୈଠକରେ ମତ୍ସ୍ୟଜୀବୀମାନେ ନିଜ ନିଜର ମତ ଉପସ୍ଥାପନା କରିଥିଲେ। ଏହାର ଆଶୁ ସମାଧାନ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଉପସ୍ଥିତିରେ କରାଯାଇଥିଲା। ମତ୍ସ୍ୟ ବିଭାଗର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ସହ, ସାଗରମିତ୍ର ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ପୋଲସରା ବିଜେଡିର ବନ୍ଧୁମିଳନ

**ପୋଲସରା, ୧୯ ।୧(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ମା' ସିଂହାସନୀଙ୍କ ଶକ୍ତିପୀଠ ପରିସରରେ ଶୁକ୍ରବାର ପୋଲସରା ବ୍ଲକ ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ମାଁ ସିଂହାସନୀଙ୍କ ନିକଟରେ ଜନ ସାଧାରଣଙ୍କ ଉତ୍ତରୋତ୍ତର କାମନା କରିଥିଲେ। ବନ୍ଧୁମିଳନ ଅବସରରେ ଏକ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳକୁ ତୃଣମୂଳ ସ୍ତରରୁ ଦଳକୁ ଅଧିକ ସଶକ୍ତ କରିବା ଲାଗି ବୈଠକରେ କର୍ମୀମାନେ ନିଷ୍ପତି ନେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ନିର୍ବାଚନ ମଣ୍ଡଳୀ ସଭାପତି



ସୁଶାନ୍ତ କୁମାର ପୋଲେଇ, ଜିଲ୍ଲା ପରିଷଦ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ଝୁନୁ ଦାସ, ଘନଶ୍ୟାମ ଦାସ, ନଗରବିଜେଡି ସଭାପତି ରଞ୍ଜିତ କୁମାର ସାହୁ, ସାଂସଦ ପ୍ରତିନିଧି ମୋତିରାମ ସାହୁ, ପୂର୍ବତନ ନଗର ସଭାପତି ଭଗବାନ ସାହୁ, ରଞ୍ଜନ କୁମାର ସାହୁ, ବ୍ଲକ ବିଜେଡି ମହିଳା ସଭାପତି ସଞ୍ଜୁକ୍ତା ବାଡ଼ତ୍ୟା, ଜିଲ୍ଲା ମହିଳା ଉପସଭାପତି କବିତା ସାହୁ, ଏନ୍.ଏ.ସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ମହିଳା ନଗର ସଭାପତି କନକ ରାଉତ, ପାଣ୍ଡିରିପଡ଼ା ସରପଞ୍ଚ ରଘୁନାଥ ଭୂୟାଁ, ବରିଷ୍ଠ ସଂଗଠକ ପୀତବାସ ପ୍ରଧାନ, ପ୍ରତାପ ପ୍ରଧାନ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସମେତ ବିଜେଡିର କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

**ମା ବୁଢ଼ୀ ଠାକୁରାଣୀ ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟ**

# ଛତ୍ରପୁର ଲାୟନ୍ସ କ୍ଲବ୍ ଚାମ୍ପିଅନ

**ଗଞ୍ଜାମ, ୧୯ ।୧(ସମିସ)**

ଗଞ୍ଜାମ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ଖେଳ ପଡ଼ିଆରେ ତିନିଦିନ ଧରି ଚାଲିଥିବା ମା' ବୁଢ଼ୀ ଠାକୁରାଣୀ ହେଣ୍ଡବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଛତ୍ରପୁର ଲାଏନ୍ସ କ୍ଲବ ଓ ମା' ରାଜମା ସିକ୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ସେଟ ଖେଳ ମଧ୍ୟରୁ ଛତ୍ରପୁର ଲାଏନ୍ସ କ୍ଲବ ଲଗାତର ତିନୋଟି ସେଟ ଜିତି



ଚମ୍ପିୟାନ ହୋଇଥିଲା। ରାଜମା ସିକ୍ସ ରନର୍ସ ଅପ ହୋଇଥିଲା। ଅତିଥି ଭାବେ ଏନଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଏନଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, କାଉନସିଲର ପୁରୁଷୋତ୍ତମ ସାହୁ, ପଦିଆ ବେହେରା ପ୍ରମୁଖ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଯୁଥ କ୍ଲବ ସଭାପତି ଶମ୍ଭୁନାଥ ନାହାକ, ସନ୍ତୋଷ ମହାରଣା, ଧିରେନ ପଟ୍ଟନାୟକ, ପପୀନା ନାହାକ, ବିଜେଡି ଯୁବନେତା ବିଭୁତି ପଲାଇ, ଅରୁଣ କୁମାର ଗୌଡ଼, ସଚ୍ଚିଦାନନ୍ଦ ଗୌଡ଼, କାଳୁଚରଣ ଗୌଡ଼, ପ୍ରସାଦ ଗୌଡ଼, ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର



ଖଲ୍ଲିକୋଟ, ୧୯।୧ (ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ମଥୁରା ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଶିବିରରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ସାଂସଦ ପ୍ରତିନିଧି ରତ୍ନାକର ସାହୁ ସଂଯୋଜନା କରିଥିବାବେଳେ ତହସିଲଦାର ଶ୍ରୀକୁମାର ରଥ, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମମୋହନ ପଣ୍ଡା, ରାଜ୍ୟ ବିଜେଡି ମହିଳା ଉପସଭାପତି ସନ୍ଧ୍ୟାରାଣୀ ଦଳେଇ, ଜିଲ୍ଲା ପରିଷଦ ସଭ୍ୟ ସୋନମ ପଲେଇ, ଚନ୍ଦନା ସେଠୀ, ବିନାୟକ ଜାଲି, କୈରାଶିର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ, ମଥୁରା ସରପଞ୍ଚ ମେହମନ୍ତ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବ୍ଲକ ବିଜେଡି ମହିଳା ସଭାପତି ମିତାଞ୍ଜଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୁଡୁତୁଳିରେ କିଶୋରୀ ମେଳା



କ.ନୂଆଗାଁ, ୧୯।୧ (ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ କୁଡୁତୁଳି ପଞ୍ଚାୟତ କାର୍ଯ୍ୟାଳୟରେ କ.ନୂଆଗାଁ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ କିଶୋରୀ ମେଳା ଅନୁଷ୍ଠିତ ହୋଇଛି। ମଣ୍ଡଳ ପରିଦର୍ଶିକା ଅରୁନ୍ଧତୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟର ଯୋଗେଶ୍ୱର ବେହେରା, ସରପଞ୍ଚ ଶ୍ରୀଚନ୍ଦ୍ର ମଲିକ, ନିହାର ରଞ୍ଜନ ମହାନ୍ତି ଯୋଗଦେଇ ଶିଶୁ ନିର୍ଯାତନା ଓ ଶିଶୁ ଶ୍ରମିକ ଏକ ଦଣ୍ଡନୀୟ ଅପରାଧ ଏବଂ ଏହାକୁ ରୋକିବା ପାଇଁ ସଚେତନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଙ୍ଗନବାଡ଼ି କର୍ମୀ ରଶ୍ମିତା ମଲିକ, ଅମ୍ବିକା ପ୍ରଧାନ, ରେବତୀ ବେହେରା, ଜାନକୀ ବେହେର ଦଳାଇ, ରାଜେଶ୍ୱରୀ ନାୟକ, ସୀତା ଦଳପତି, ଗୋଲାପୀ ପ୍ରଧାନ, ମାନସୀ ପ୍ରଧାନ, ଲିଲିମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଭଞ୍ଜନଗରରୁ ଲୋକାର୍ପଣ ହେଲା ଜଗନ୍ନାଥ ଏକ୍ସପ୍ରେସ୍

## ଅତ୍ୟାଧୁନିକ ସୁବିଧାରେ ଭକ୍ତ କରିବେ ଜଗନ୍ନାଥ ଦର୍ଶନ

ଭଞ୍ଜନଗର, ୧୯।୧ (ସମିସ):

ଗଞ୍ଜାମ ଜିଲ୍ଲାର ଭକ୍ତଙ୍କୁ ପୁରୀଠାରେ ଜଗନ୍ନାଥ ଦର୍ଶନ କରିବାର ଅପୂର୍ବ ସୁଯୋଗ ଦେଇଛନ୍ତି ରାଜ୍ୟ ସରକାର। ଭଞ୍ଜନଗର ବସ୍‌ଷ୍ଟାଣ୍ଡ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଭଞ୍ଜନଗରଠାରୁ ପୁରୀ ଭାୟା ଆସିକା ଦେଇ ଏକ ନୂତନ ଭଲଭୋ ବସ୍‌ର ଲୋକାର୍ପଣ କରିଛନ୍ତି। ରାଜ୍ୟର ୧୨ଟି ଜିଲ୍ଲାରେ ଜିଲ୍ଲା ମୁଖ୍ୟାଳୟରେ ଲକ୍ଷ୍ମୀ ଯୋଜନାରେ ଏହି ବସ୍ ସେବା ଆରମ୍ଭ ହେଉଥିବାବେଳେ ଗଞ୍ଜାମ ଜିଲ୍ଲା ପାଇଁ ଏକ ମାତ୍ର ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଭଞ୍ଜନଗର ଉପଖଣ୍ଡରେ ଏହି ବସ୍ ସେବାର ଲୋକାର୍ପଣ ହୋଇଯାଇଛି। ୩ କୋଟି ୨୦ ଲକ୍ଷ ଟଙ୍କା ମୂଲ୍ୟର ଅତ୍ୟାଧୁନିକ ସମସ୍ତ ସୁବିଧା ଥିବା ୮ ଚକିଆ ଏହି ବସ୍‌ରେ ଯାତ୍ରୀଙ୍କ ପାଇଁ ମୋଟ ୫୧ଟି ସିଟ୍ ରହିଛି। ଗଞ୍ଜାମ ଜିଲ୍ଲାର ପ୍ରମୁଖ



ସହରକୁ ସଂଯୋଗ କରୁଥିବା ଏହି ବସ୍ କିଲୋମିଟର ପିଛା ୨ଟଙ୍କା ୪୪ପଇସା ଦେୟରେ ଯାତ୍ରୀ ମାନେ ଭଞ୍ଜନଗରଠାରୁ ଭୋର ୫ଟା ୪୫ ମିନିଟ ସମୟରେ ବାହାରି ଆସିକା, ହିଞ୍ଜିଳି, ବ୍ରହ୍ମପୁର ଓ ଛତ୍ରପୁର ଦେଇ ପୁରୀକୁ ଯାଇପାରିବେ। ଗୁରୁବାର ସନ୍ଧ୍ୟାରେ ଭଞ୍ଜନଗର ବସ୍‌ଷ୍ଟାଣ୍ଡରେ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସବୁଜ ପତାକା ଦେଖାଇ ଏହି ବସ୍‌ର ଶୁଭାରମ୍ଭ କରିଥିଲେ। ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଆରୁଖଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଜିଲ୍ଲା ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଓଏସ୍‌ଆର୍‌ଟିସି ଜିଲ୍ଲା ପରିଚାଳକ ଅଶୋକ ସାହୁ, ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶୂଳପାଣି ଶତପଥୀ ସଂଯୋଜନା କରିଥିଲେ। ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ବିପ୍ରଚରଣ ବାରିକ, ଏନ୍‌ଏସି ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରମ୍ଭାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ରମ୍ଭା, ୧୯।୧ (ସମିସ): ସ୍ଥାନୀୟ ଶ୍ରୀଜଗନ୍ନାଥ ଡିଗ୍ରୀ କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମର 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଶ୍ରୀ ସାହୁ ଅଭିଭାଷଣ ମାଧ୍ୟମରେ ଭାଷା ସାହିତ୍ୟର ମର୍ଯ୍ୟାଦା ଗୁରୁତ୍ୱ ପ୍ରତିପାଦନ ପୂର୍ବକ ପ୍ରେରଣାଦାୟୀ ବକ୍ତବ୍ୟ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଅର୍ଥନୀତି ଅଧ୍ୟାପକ ବିପିନ କୁମାର ଦାଶ, ନୋଡାଲ ଅଫିସର ଇତିହାସ ଅଧ୍ୟାପକ ହେମନ୍ତ କୁମାର ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଭାସ୍କର ଚନ୍ଦ୍ର ମୁଦୁଲି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ପ୍ରଦାନ କରିଥିଲେ।

ଛାତ୍ରୀ ସରସ୍ୱତୀ ତରେଇ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସ୍ୱାଗତ ଭାଷଣ ଓଡ଼ିଆ ଅଧ୍ୟାପକ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ଅଧ୍ୟାପିକା ଡ. ସାଗରିକା ମହାପାତ୍ର



ପରିଚାଳନା କରିଥିବା ବେଳେ ଇଂରାଜୀ ଅଧ୍ୟାପକ ବ୍ରଜମୋହନ ପଣ୍ଡା, ଅଧ୍ୟାପକ ରଞ୍ଜିତ କୁମାର ପାଣିଗ୍ରାହୀ, ଅଧ୍ୟାପକ ନିରଞ୍ଜନ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ଗଣେଶ ବେହେରା, ଯୋଗୀନ୍ଦ୍ର ସାହୁ, ଅଧ୍ୟାପିକା ଟି. ଅଲିଶ୍ରୀ ଆଚାରୀ, ଗୌରୀ ବଳବନ୍ତରାୟ, ଟି. ସ୍ୱାତି ଦେବୀ, ଗାନ୍ଧୀ ନାହାକ, ଲକ୍ଷଣ ଜେନା, ନର୍ମଦା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମଶାବାଡ଼ି ଗ୍ରାମରେ ଚୋରି

ଭଞ୍ଜନଗର, ୧୯ ।୧(ସମିସ): ତାରସିଂ ଥାନା ଅନ୍ତର୍ଗତ ମଶାବାଡ଼ି ଗ୍ରାମରେ ଗତରାତିରେ ତିନି ଜଣଙ୍କ ଘରୁ ତାଲା ଭାଙ୍ଗି ସୁନାଗହଣା ଓ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ବିଳମ୍ବିତ ରାତିରେ ଘରେ ପଶି ଆଲମିରା ଓ ବଡ଼ ପେଡ଼ିରେ ଥିବା ଜିନିଷପତ୍ର ଏଣେତେଣେ ଫୋପାଡ଼ି ଟଙ୍କା ଗହଣା ଲୁଟିନେଇଥିବା ଜଣାପଡ଼ିଛି। ଗ୍ରାମର ଅଶୋକ ନାୟକ, ସନ୍ତୋଷ ପାତ୍ର, ଭରତ ପାତ୍ର ଏହି ତିନି ଜଣଙ୍କ ଘରୁ ନଗଦ ୧୧ ହଜାର ଟଙ୍କା, ସୁନା ହାର ଓ ଅନ୍ୟାନ୍ୟ ଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ତାରସିଂ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଅଶ୍ୱିନୀ କୁମାର ଭିତିରିଆ ସୂଚନା ଦେଇଛନ୍ତି। ଗ୍ରାମର ନବୀନ ସେଠୀ ଓ ପାଣ୍ଡୁ ସେଠୀଙ୍କ ଘରର ତାଲା ଦୁର୍ବୃତ୍ତମାନେ ଭାଙ୍ଗିଥିଲେ ମଧ୍ୟ କୌଣସି ଜିନିଷପତ୍ର ନେବାରେ ସକ୍ଷମ ହୋଇପାରିନାହାନ୍ତି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



ସୋରଡ଼ା, ୧୯।୧ (ସମିସ): ଗୋଛା ଗ୍ରାମରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବ୍ଲକସ୍ତରରେ ଥିବା ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ଖୋଲାଯାଇ ଓଡ଼ିଶା ସରକାରଙ୍କ ଦ୍ୱାରା ହେଉଥିବା ଜନହିତକର ଯୋଜନା ଉପରେ ସଚେତନ କରାଯାଇଛି। କାର୍ଯ୍ୟକ୍ରମ ଗୋଛା ସରପଞ୍ଚ ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି ବସନ୍ତ କୁମାର ସ୍ୱାଇଁ, ସୋରଡ଼ା ନଗରପାଳ ଶିବଶଙ୍କର ପଣ୍ଡା ଓ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ରାଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଗୋଛା ପିଇଓ ବିଜୟ କୁମାର ଗମାଙ୍ଗଙ୍କ ସହ ବ୍ଲକର ବହୁ ଅଧିକାରୀ ଉପସ୍ଥିତ ଥିଲେ।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ ଆଲୋଚନାଚକ୍ର

ବୁଗୁଡ଼ା, ୧୯।୧ (ସମିସ): ବାଲିପଦରସ୍ଥ ଡିଗ୍ରୀ କଲେଜ ପକ୍ଷରୁ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିବେକାନନ୍ଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଚାଳନା ପରିଷଦର ସଭାପତି ହରିହର ବିଷୋୟୀ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ମିଶ୍ର ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟରେ ଜଗନ୍ନାଥ ସଂସ୍କୃତିର ମହନୀୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଗୋପୀନାଥ ମହାନ୍ତି ପରିଚାଳନା କରିଥିବା ବେଳେ ଏଥିରେ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଅମୀୟ କୁମାର ସ୍ୱାଇଁ, ଏ.ଜିତେଶ ରାଓ ଦୋରା, କ୍ରୀଡ଼ା ଶିକ୍ଷକ ଭଞ୍ଜ କିଶୋର ଗୌଡ଼, ଅଧ୍ୟାପିକା ମିନତୀ ଆଚାରୀ, ଭକ୍ତଲତା ମହାପାତ୍ର ଓ ସଲିଲା ନାୟକଙ୍କ ସମେତ କଲେଜର ଅନ୍ୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରେମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ବାଲିପଡ଼ାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



କୁକୁଡ଼ାଖଣ୍ଡି, ୧୯।୧ (ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବାଲିପଡ଼ାସ୍ଥିତ ମହୁରୀ କାଳୁଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ 'ନୂଆ-ଓ' ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରର ନିର୍ଦ୍ଦେଶକ ଡ଼ଃ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଡ଼ଃ. ସୁଶାନ୍ତ କୁମାର ଦାସ ସମ୍ମାନିତ ଅତିଥି ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ଼ଃ. କୁଳମଣି ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ଝିଲ୍ଲୀ ସେଠୀ, ସାଂସଦ ପ୍ରତିନିଧି ନିରଞ୍ଜନ ମହାନ୍ତି, ଯୁବ ସମାଜସେବୀ ସଞ୍ଜୟ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ. ସୂର୍ଯ୍ୟନାରାୟଣ ଦାଶ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ। ବରିଷ୍ଠ ଓଡ଼ିଆ ଅଧ୍ୟାପକ ତଥା କ୍ରୀଡ଼ା ବିଭାଗର ମୁଖ୍ୟ ଡ଼ଃ. ପ୍ରସନ୍ନ କୁମାର ବିଷୋୟୀ ଏବଂ 'ନୂଆ-ଓ' କାର୍ଯ୍ୟକ୍ରମ ନୋଡାଲ ଅଫିସର ଉମେଶ କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ସାମାଜିକ କାର୍ଯ୍ୟ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ବେହେରା, ସାଂସ୍କୃତିକ କାର୍ଯ୍ୟ ମୁଖ୍ୟ ଅଧ୍ୟାପକ ଏ.ସତ୍ୟ ନାରାୟଣ ସେନାପତି ଏବଂ ଅଧ୍ୟାପକ ସୁଦାମ ଚରଣ ସାହୁ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପକ ଡ଼ଃ. ଦୈତ୍ୟାରୀ ବେଜ ସ୍ୱାଗତ ସମ୍ଭାଷଣ, ଅତିଥି ପରିଚୟ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ସର୍ବଶ୍ରୀ ସନ୍ତୋଷ କୁମାର ମହାରଣା, ଶିବ ପ୍ରସାଦ ରଥଙ୍କ ସହ ବିଜ୍ଞାନ ପ୍ରୟୋଗଶାଳା ସହାୟକ ମଣ୍ଡଳୀ ସୀମାଚଳ ପଟ୍ଟନାୟକ, ପ୍ରସନ୍ନ କୁମାର ଜେନା, ଆଶାଲତା ଜେନା, କ୍ରୀଡ଼ା ଶିକ୍ଷକ ତ୍ରିପତି ବିଷୋୟୀ, ଗ୍ରନ୍ଥାଗାରିକ ପି.ଅକ୍ଷୟ କୁମାର ପାତ୍ର, ତାଡକେଶ୍ୱର ମଲ୍ଲିକ, ରମେଶ ନାୟକ, ଶଙ୍କର ବେହେରା, ଗାନ୍ଧୀ ବିଷୋୟୀ, ଅଭୟ ସେଠୀ, ନୀଳମାଧବ ବିଷୋୟୀ, ସୁରେନ୍ଦ୍ର ବେହେରା ଓ ସୌଦାମିନୀ ଦେଇ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଛତ୍ରପୁର ପଞ୍ଚାୟତ ସମିତି ବୈଠକ**

# ସମନ୍ୱୟ, ସହଯୋଗ ଓ ସାମଗ୍ରିକ ବିକାଶକୁ ଗୁରୁତ୍ୱ

ଛତ୍ରପୁର, ୧୯ ।୧(ସମିସ):

ମନାନ୍ତର ଓ ମତଭେଦ ଭୁଲି ଜନସାଧାରଣଙ୍କ ସେବା ଦିଗରେ ସମସ୍ତେ ଗୁରୁତ୍ୱ ଦେଇ ଉଚିତ। ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କିଭଳି ସମାଜର ଶେଷବର୍ଗରେ ଥିବା ବ୍ୟକ୍ତିବିଶେଷ ପାଖରେ ପହଞ୍ଚିବ ସେଥିପ୍ରତି ପ୍ରାଧାନ୍ୟ ଦେବା ଜନ ପ୍ରତିନିଧିଙ୍କ ମୂଳ କର୍ତ୍ତବ୍ୟ। ଏ

**ପଞ୍ଚାୟତର ଭିତ୍ତିଭୂମି ବିକାଶ ଲାଗି ପ୍ରସ୍ତୁତ ହେବ ଖସଡ଼ା**

**ରେସନ କାର୍ଡ ସମସ୍ୟାର ସମାଧାନ ଦାବି**

କ୍ଷେତ୍ରରେ ବ୍ଲକ ପ୍ରଶାସନ, ଜନପ୍ରତିନିଧି ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଜରୁରୀ। ଫଳରେ ସଫଳତାର ସହିତ ସବୁ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ ହେବା ସହିତ ସାମଗ୍ରିକ ବିକାଶ ସମ୍ଭବପର ବୋଲି ଶୁକ୍ରବାର ଅନୁଷ୍ଠିତ ଛତ୍ରପୁର ପଞ୍ଚାୟତ ସମିତି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସୁବାଷ ଚନ୍ଦ୍ର ବେହେରା କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ସେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନ ଏବଂ ବିଭିନ୍ନ ଲାଇନ୍ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆଗାମୀ ୨୦୨୪-୨୫ ଆର୍ଥିକ




ବର୍ଷ ପାଇଁ ସବୁ ପଞ୍ଚାୟତ ଗୁଡ଼ିକର ଭିତ୍ତିଭୂମିର ବିକାଶ ଲାଗି ପ୍ରତି ପଞ୍ଚାୟତ ପିଛା ୧କୋଟିର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିମନ୍ତେ ଏକ ଖସଡ଼ା ପ୍ରସ୍ତୁତ କରିବା ପାଇଁ ସେ କହିଛନ୍ତି। ବୈଠକରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ବିଶେଷକରି ମେଗା ପାନୀୟ ଜଳ ପ୍ରକଳ୍ପ ୨୦୨୪ସୁଦ୍ଧା କାର୍ଯ୍ୟକାରୀ ହୋଇ ସବୁ ଘରକୁ ଘର ପାଣି ପାଇବେ ବୋଲି ଘୋଷଣା ହୋଇଥିଲା। କିନ୍ତୁ ୨ବର୍ଷ ହେଲା ଏହି ପ୍ରକଳ୍ପ କାମ ଆଗେଇ ପାରୁନଥିବାରୁ ଜନ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ୍.ଚକ୍ରପାଣି ରେଡ୍ଡୀ ମେଗା ପାନୀୟ ଜଳ ପ୍ରକଳ୍ପ ଲାଗି ୭୫ ଲକ୍ଷ ଟଙ୍କାର ପାଇପ୍ ଚୋରି ବିଷୟରେ ପୁଣି ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ମୃତ୍ୟୁ ପ୍ରମାଣପତ୍ର ବିଳମ୍ବରେ ମିଳୁଥିବା ଅଭିଯୋଗ କରିଥିଲେ। ସୁନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟ ସେବାକେନ୍ଦ୍ରରେ ଡାକ୍ତର ମାତ୍ର ୨ ଘଣ୍ଟା ରହି ଚାଲି ଯାଉଥିବା ବେଳେ ସୁରକ୍ଷା କର୍ମଚାରୀ ରୋଗୀଙ୍କୁ ଔଷଧ ଦେଉଥିବା କେତେ ଦୂରର ଯୁକ୍ତିଯୁକ୍ତ ବୋଲି ସମିତିସଭ୍ୟ ସୁଜ୍ଞାନୀ ସେଠୀ ସ୍ୱାସ୍ଥ୍ୟ ବିଭାଗର ପିଏଚ୍‌ଓଙ୍କୁ ପ୍ରଶ୍ନ କରିଥିଲେ। ସେହିପରି ରାସନକାର୍ଡ ସମସ୍ୟାକୁ ନେଇ ଯୋଗାଣ ନୀରିକ୍ଷକଙ୍କ ଠାରେ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଆସନ୍ତା ୨୯ତାରିଖରେ ବ୍ଲକ ତରଫରୁ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ସବୁ ପଞ୍ଚାୟତର ଦିବ୍ୟାଙ୍ଗ ବ୍ୟକ୍ତିମାନେ ଉପସ୍ଥିତ ରହି ସେମାନଙ୍କ ସମସ୍ତ ସୁବିଧା ପାଇପାରିବେ ସେଥିପ୍ରତି ପଦକ୍ଷେପ ନେବାକୁ ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ବିଡିଓ ଅନୁରୋଧ କରିଥିଲେ। ଏହାସହିତ ଆସନ୍ତା ୨୨ ତାରିଖରେ ଶ୍ରୀକ୍ଷେତ୍ର ଯିବା ପାଇଁ ଛତ୍ରପୁର ବ୍ଲକରୁ ଗାଡି ବାହାରିବ। ପ୍ରତି ପଞ୍ଚାୟତରୁ ୨୦ ଜଣ ଭକ୍ତଙ୍କୁ ନେଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବା ପାଇଁ ତୁରନ୍ତ ତାଲିକା ଦେବାକୁ କୁହାଯାଇଛି। ସୂଚନା ପ୍ରକାରେ ଛତ୍ରପୁର ପଞ୍ଚାୟତ ସମିତି ସପ୍ତମ ଅଧିବେଶନ ବୈଠକ ଅଧ୍ୟକ୍ଷା କିରଣ କୁମାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଧାୟକ ସୁବାଷ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଉପାଧ୍ୟକ୍ଷା ଏସ୍.ଶାରଦା ରେଡ୍ଡୀ, ବିଡିଓ ସୁଶାନ୍ତ କୁମାର ବରାଳ, ଏବିଡିଓ ଜୟଶ୍ରୀ ନାୟକ, ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଗତ ବୈଠକର ବିବରଣୀ ଜିପିଇଓ ଅଶୋକ କୁମାର ଦାଶ ଉପସ୍ଥାପନା କରିଥିଲେ।

ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ସମିତିସଭ୍ୟ ସୁଜ୍ଞାନୀ ସେଠୀ, ପୋଟଲାମପୁର ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଚମାଖଣ୍ଡି ସରପଞ୍ଚ ସିଏଚ୍.ମନୋଜ ରେଡ୍ଡୀ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ୍. ସଞ୍ଜୀବ ରେଡ୍ଡୀ ଓ ସମିତିସଭ୍ୟ ଏସ୍. ଚକ୍ରପାଣି ରେଡ୍ଡୀ, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ମହାନାଦପୁର ସରପଞ୍ଚ ରବୀନ୍ଦ୍ର ରାଉଳ, ବଉଳଗାଁ ସମିତିସଭ୍ୟ ରାମଚନ୍ଦ୍ର ପରିଡ଼ା. ଲକ୍ଷ୍ମୀପୁର ସମିତିସଭ୍ୟ ଏନ୍. ରମେଶ ରେଡ୍ଡୀ, ପୋଡାପଦର ସରପଞ୍ଚ ସୁଜତା ଦାସ, ବିପୁଲିଙ୍ଗି ସରପଞ୍ଚ ମାମା ସେଠୀ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା ଓ ସମିତିସଭ୍ୟା ଚୁମକି ସେଠୀ, ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା ସମେତ ବହୁ ପଞ୍ଚାୟତ ପ୍ରତିନିଧି, ବିଦ୍ୟୁତ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ବଲ୍ଲଭ, ସିଡିପିଓ ପ୍ରଣମିତା ପଣ୍ଡା, ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ଲାଇନ୍ ବିଭାଗ ଅଧିକାରୀ ଆଲୋଚନାରେ ଭାଗ ନେଇଥିଲେ।

# ଅନ୍ତରପଡ଼ା ୟୁପି ସ୍କୁଲର ବାର୍ଷିକ ଉତ୍ସବ




ବୁଗୁଡ଼ା, ୧୯।୧ (ସମିସ): ବୁଗୁଡ଼ା ବ୍ଲକର ଅନ୍ତରପଡ଼ା ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ରଞ୍ଜୁଲତା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ସିଆର୍‌ସିସି ରାଜେଶ ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପିତାମ୍ବର ଗୌଡ଼ ଓ ସମ୍ପାଦକ ନଗେନ୍ଦ୍ର ନାଥ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ସନ୍ତୋଷ କୁମାର ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ରାସ୍ତା କାମରେ ଦୁର୍ନୀତି ଅଭିଯୋଗ

# ଦିନକରେ ଉଠିଗଲା ପିଚୁ



**ଫୁଲବାଣୀ,୧୯।୧(ସମିସ)**

ଗ୍ରାମାଞ୍ଚଳରେ ଗମନାଗମନର ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟକରି ରାସ୍ତାଘାଟ ନିର୍ମାଣ କରୁଛନ୍ତି। କିନ୍ତୁ କିଛି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏସବୁ ଯୋଜନାର ସୁଫଳ ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ନିମ୍ନମାନର କାମ ଯୋଗୁଁ ନିର୍ମାଣ ସରିବା ପୂର୍ବରୁ ନଷ୍ଟ ହୋଇଯାଉଛି ରାସ୍ତା। ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିଲେ ଖାମଖିଆଲ ଭାବେ ସବୁ ଠିକ୍ ଚାଲିଛି ବୋଲି କହୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ମୁଣ୍ଡାସାହିଠାରୁ କାତ୍ରାମାଲା ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାମରେ। ପ୍ରାୟ ୫ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା କରାଯାଉଛି। ତେବେ ରାସ୍ତାରେ ପିଚୁ ପଡ଼ିବାର ୨୪ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ପିଚୁ ଉଠିଯାଇ ଖାଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ରାସ୍ତାର ସ୍ଥାୟୀତ୍ୱ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, କାତ୍ରାମାଲା ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବା ସତ୍ତ୍ୱେ ଏଠାକୁ ରାସ୍ତା ନାହିଁ। ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ପରେ ଏବେ ଗୋଛାପଡ଼ାଠାରୁ କାତ୍ରାମାଲା ରାସ୍ତା କାମ ଚାଲିଛି। କିନ୍ତୁ ନିମ୍ନମାନର କାମ ପାଇଁ ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ସୁଶୀଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ରାସ୍ତାରୁ ପିଚୁ ବାହାର କରି ନେଇଛନ୍ତି। ଯନ୍ତ୍ରୀଙ୍କ ଏଭଳି ସ୍ପଷ୍ଟୀକରଣ ଅମୂଳକ ମନେ ହେଉଥିବା ବେଳେ ଏହାର ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ଲୋକେ। ଏନେଇ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ଥାନୀୟ ଲୋକେ ନିମ୍ନମାନର କାମ ହୋଇଥିବା ସନ୍ଦେହ କରି ପିଚୁ ଉଠେଇଛନ୍ତି। କିନ୍ତୁ ନିମ୍ନମାନର କାମ ହୋଇନାହିଁ। ଏହାର ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି।

## ଆତ୍ମରକ୍ଷା ତାଲିମ ଶିବିର



**ଫିରିଙ୍ଗିଆ,୧୯।୧(ସମିସ):** ଫିରିଙ୍ଗିଆରେ ଥିବା ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ଚିତ୍ତ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଭୈରବୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିବା ବେଳେ ଖେଳ ଶିକ୍ଷକ ଲକ୍ଷ୍ମୀକାନ୍ତ ସାହୁ ନୋଡାଲ ଅଧିକାରୀ ଭାବରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କରାଟେ ପ୍ରଶିକ୍ଷକ ବିଷ୍ଣୁପ୍ରିୟା କହଁର ଓ ପୂଜା ମଲ୍ଲିକ ପ୍ରଶିକ୍ଷଣ ଦେଉଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବାବେଳେ ଓଡ଼ିଆ ବିଭାଗ ଅଧ୍ୟାପକ ବିଭୁତି ଭୂଷଣ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

## ତେଲୁଗୁ ଅଧ୍ୟାପିକାଙ୍କ ବିୟୋଗରେ ସ୍ମୃତିସଭା




**ପାରଳାଖେମୁଣ୍ଡି,୧୯।୧(ସମିସ):** ପାରଳାଖେମୁଣ୍ଡି ସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟର ବରିଷ୍ଠ ତେଲୁଗୁ ଅଧ୍ୟାପିକା ସିଏଚ୍. ନିର୍ମଳାଙ୍କ ମୃତ୍ୟୁକୁ ନେଇ ଅଧ୍ୟକ୍ଷା ଡ. ରୀନା ସାହୁଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ମଚାରୀ ତଥା ଛାତ୍ରୀମାନଙ୍କର ଉପସ୍ଥିତିରେ ଶୋକସଭା ଆୟୋଜନ ହୋଇଥିଲା। ଅଧ୍ୟାପିକାଙ୍କ ଏପରି ଅକାଳ ନିଧନ ଯୋଗୁଁ ଅନୁଷ୍ଠାନ ପାଇଁ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା । ସ୍ୱର୍ଗତ ଅଧ୍ୟାପିକା ନିର୍ମଳା ପୋଙ୍ଗଲ ପାଳନ ନିମନ୍ତେ ନିଜ ଗ୍ରାମ ଗାରବନ୍ଧ ଗ୍ରାମ ନିକଟସ୍ଥ ଛତ୍ରପୁର ଯାଇଥିଲେ। ସେଠାରେ ପୋଙ୍ଗଲ ଉତ୍ସବ ସାରି ନିଜ ପୁଅଙ୍କ ସହ ପନ୍ଦର ତାରିଖ ଦିନ ବାଇକ ଯୋଗେ ପାରଳାଖେମୁଣ୍ଡି ଫେରୁଥିଲେ । ହେଲେ ରାସ୍ତାରେ କୌଣସି କାରଣରୁ ଦୁର୍ଘଟଣା ଘଟିଥିଲା । ସେ ତଳେ ପଡିଯାଇଥିଲେ ଏବଂ ତାଙ୍କ ମସ୍ତିଷ୍କରେ ଗୁରୁତର ଆଘାତ ଲାଗିଥିବା ଯୋଗୁଁ ସଜ୍ଞାହୀନ ଅବସ୍ଥାରେ ରହିଥିଲେ । ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ହସ୍ପିଟାଲରେ କୋମା ଅବସ୍ଥାରେ ଚିକିତ୍ସାଧିନ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବାର ଜଣାପଡିଛି । ଏହି ଖବର ପାରଳାଖେମୁଣ୍ଡି ସହରରେ ପହଞ୍ଚିବା ପରେ ବିଭିନ୍ନ ମହଲ ସମେତ ମହିଳା ମହାବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଥିଲା।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ




**ପାରଳାଖେମୁଣ୍ଡି/ଗୁମ୍ମା,୧୯।୧(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମଠାରେ ଥିବା ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିବା ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଯୋଗଦେଇ ବିଶ୍ୱ ଦରବାରରେ ଓଡ଼ିଆ ଭାଷାର ମାନ୍ୟତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଓଡ଼ିଆ ରନ୍ଧା ଖାଦ୍ୟ ପ୍ରସ୍ତୁତି କରି ପରିବେଷଣ କରିଥିଲେ। ଏହା ସହ ଜଗନ୍ନାଥ ସଂସ୍କୃତି ବିଷୟରେ ଓଡ଼ିଆ ପ୍ରବନ୍ଧ ଲିଖନ, ଓଡ଼ିଆ ଭଜନ ଓ ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ.ନଳନୀ କୁମାରୀ ସାବତ, ଅଧ୍ୟାପକ ବିନୋଦ ଚନ୍ଦ୍ର ରଥ ପ୍ରମୁଖ ସମସ୍ତ ପ୍ରତିଯୋଗିତାକୁ ଆୟୋଜନ କରିଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

## ଅନ୍ତିମ ରଜନୀରେ 'ପଶାପାଲି' ମଞ୍ଚସ୍ଥ

**ପାରଳାଖେମୁଣ୍ଡି,୧୯।୧(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କ୍ରିଏଟିଭ ଆର୍ଟସ ଦ୍ୱାରା ଅର୍ବାନ ବ୍ୟାଙ୍କ ପଡ଼ିଆଠାରେ ଆୟୋଜିତ ୧୦ମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ତୃତୀୟ ତଥା ଅନ୍ତିମ ରଜନୀରେ ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ନାଟକ 'ପଶାପାଲି' ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ, ବିଜେଡି ରାଜ୍ୟ ସମ୍ପାଦକ ବସନ୍ତ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ସଭାପତିତ୍ୱ କରିଥିବା




ବେଳେ ଉପସଭାପତି ଏମ.ପୃଥିବୀରାଜ, ସମ୍ପାଦକ ମନୋଜ କୁମାର ପାଢ଼ୀ, ଯୁଗ୍ମ ସମ୍ପାଦକ ଆଦର୍ଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗଣତନ୍ତ୍ରରେ ରାଜନୀତି ତଥା ବର୍ତ୍ତମାନ ସ୍ଥିତିରେ ରାଜନୀତିକୁ ନେଇ ଭୁବନେଶ୍ୱରର ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ଦ୍ୱାରା ନାଟକ 'ପଶାପାଲି' ମଞ୍ଚସ୍ଥ ହୋଇଥିଲା। ଏହି ନାଟକକୁ ରଚନା କରିଥିଲେ ପଞ୍ଚାନନ ଦାସ ଏବଂ ନିର୍ଦ୍ଦେଶନା ଦେଇଥିଲେ କରୁଣାକର ସାମଲ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କ୍ରିଏଟିଭ୍ ଆର୍ଟ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ନିଜ ଜମି ଅକ୍ତିଆର ପାଇଁ ଅନଶନରେ ପରିବାର

**ଦାରିଙ୍ଗବାଡ଼ି, ୧୯।୧,(ସମିସ):** ଦାରିଙ୍ଗବାଡ଼ି ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଅନଶନରେ ବସିଲେ ଗୋଟିଏ ପରିବାର ଲୋକେ। ସରକାର ଆମକୁ ନ୍ୟାୟ ଦିଅ, ଆମ ଜମି ଅଧିକାରରୁ ବଞ୍ଚିତ କରୁଛି କିଏ, ଆମ ପରିବାରର ଦାବି ପୂରଣ କର, ଦାବି ପୂରଣ ନ କଲେ ଆମେ ପରିବାର ଜୀବନ ହାରିବୁ ବୋଲି ଲେଖା ଥିବା ପ୍ଲାଗ କାଡର୍ ଧରି ଅନଶନ ରେ ବସିଛନ୍ତି ପରିବାର। ସୂଚନାଯୋଗ୍ୟ ୧୯୯୭ରେ ବିଜୟ ନାୟକ ଏବଂ ତାଙ୍କ ସ୍ତ୍ରୀ ହାଲିମା ନାୟକଙ୍କୁ ସରକାର ଜମି ପଟ୍ଟା ଦେଇଛନ୍ତି। ତେବେ ଉକ୍ତ ଜମି ଉପରେ ଅନ୍ୟ ଏକ ପରିବାର ଇନ୍ଦିରା ଆବାସ ଯୋଜନାରେ ଘର କରି ରହି ଆସୁଛନ୍ତି। ଏନେଇ ବିଜୟଙ୍କ ପୁଅ ନୀଳମାଧବ ନାୟକ ପୂର୍ବରୁ ଅଭିଯୋଗ କରିଆସୁଥିଲେ ହେଲେ ତାଙ୍କୁ କୌଣସି ନ୍ୟାୟ ନ ମିଳିବାରୁ ସେ ବାପା ମା ଏବଂ ତାଙ୍କ ପରିବାରକୁ ନେଇ ଅନଶନ କରୁଥିବା କରିଛନ୍ତି। ଖବର ପାଇ ତହସିଲଦାର ଶରତ ଶବର, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଏବଂ ସୁବ୍ରତ ପ୍ରଧାନ ପହଞ୍ଚି ଅନଶନ କାରୀ ପରିବାରଙ୍କୁ ବୁଝାସୁଝା କରିଥିଲେ ହେଲେ ଖବର ଲେଖିବା ପର୍ଯ୍ୟନ୍ତ ଅନଶନରୁ ସେମାନେ ହଟିନଥିଲେ। ଏନେଇ ଆମେ ତହସିଲଦାର ଶ୍ରୀ ଶବରଙ୍କୁ



ଯୋଗାଯୋଗ କରିବାରୁ ଉକ୍ତ ଜାଗାରେ ଅନ୍ୟ ଜଣେ ଘର କରି ବସବାସ କରୁଛି ଉକ୍ତ ଜାଗାକୁ ନେଇ କୋର୍ଟ ରେ କେସ ରହିଛି ଯାହା ବିଚାରାଧୀନ ଅଛି ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ହିଁ ଜଣାପଡ଼ିବ ବୋଲି କହିଛନ୍ତି। ଏଥି ସହିତ ଅନଶନ କାରୀଙ୍କୁ ଅନ୍ୟ ଏକ ସ୍ଥାନରେ ଜମି ଦେବା ନିମନ୍ତେ ତହସିଲଦାର କହିଥିଲେ ହେଲେ ସେମାନେ ପୂର୍ବରୁ ଦେଇଥିବା ଜାଗାକୁ ହିଁ ନେବା ପାଇଁ ଅଡିବସିଥିବା ତହସିଲଦାର କହିଛନ୍ତି।

## ପରିବହନ କାର୍ଯ୍ୟାଳୟ ଘେରିଲେ ଡ୍ରାଇଭର

**ପାରଳାଖେମୁଣ୍ଡି,୧୯।୧(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ପରିବହନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଅଟୋ ଏବଂ ପିକ୍‌ଅପ୍ ଡ୍ରାଇଭରମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗଜପତି ଆରଟିଓ ବିଭାଗ ପକ୍ଷରୁ ବାରମ୍ବାର ଡ୍ରାଇଭରମାନଙ୍କୁ ବିଭିନ୍ନ ଆଳ ଦେଖାଇ ଫାଇନ କାଟିବାକୁ ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ଆଜି ଡ୍ରାଇଭରମାନେ ଆଞ୍ଚଳିକ ପରିବହନ ଅଧିକାରୀ ଶାନ୍ତନୁ ପରିଡ଼ାଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ସହ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଅନ୍ୟ କୌଣସି ଜିଲ୍ଲାରେ ଆରଟିଓ ପକ୍ଷରୁ ଅକାରଣରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ବେଳେ ଗଜପତି ଆରଟିଓ ବିଭାଗ ପକ୍ଷରୁ ଏପରି କରାଯାଉଥିବା ଚାଳକମାନେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଯଦି ବିଭାଗ ପକ୍ଷରୁ ପୁଣି ବିନା କାରଣରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଜଣାଇଛନ୍ତି।

## କଳାବ୍ୟାଜ୍ ପିନ୍ଧି ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ

**ପାରଳାଖେମୁଣ୍ଡି,୧୯।୧(ସମିସ):** ଚାରି ଦଫା ଦାବି ନେଇ ରାଜ୍ୟବ୍ୟାପୀ ପ୍ରାଣୀ ଚିକିତ୍ସକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି କ୍ରମରେ ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସାକମାନେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବରୁ ପ୍ରାଣୀ ଚିକିତ୍ସା ସେବା ସଂଘ ଲିଖିତ ଭାବେ ଦାବି ଉପସ୍ଥାପନ କରିଥିଲେ। ତେବେ ଦାବି ପୂରଣ ହେଉ ନଥିବାରୁ ସଂଘ ପୁଣି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛି ବୋଲି ଜିଲ୍ଲା ପ୍ରାଣୀ ଚିକିତ୍ସା ସେବା ସଂଘର ସଭାପତି ଡାକ୍ତର ରମାକାନ୍ତ ରାଣା, ସଂଯୋଜକ ଡାକ୍ତର ବି. ସାଇ ସନ୍ଦୀପ ଓ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ସୂଚନା ଦେଇଛନ୍ତି।



## 'ଫ-ଟି' ଅଧ୍ୟକ୍ଷଙ୍କ ରାମଗିରି ଗସ୍ତ ପାଇଁ ପ୍ରସ୍ତୁତି ବୈଠକ




**ରାୟଗଡ଼,୧୯।୧(ସମିସ):** ଆସନ୍ତା ୨୩ ତାରିଖରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମୋହନା ନିର୍ବାଚନମଣ୍ଡଳୀର ରାମଗିରିଠାରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ହେବା ନେଇ ସ୍ଥିର ହୋଇଛି। ଏନେଇ ଶୁକ୍ରବାର ରାୟଗଡ଼ ବ୍ଲକର ସଦ୍‌ଭାବନା ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୀମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ଉପସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲ୍ଲା ପରିଷଦ ସଭ୍ୟ ପିତାମ୍ବର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

## ଲକ୍ଷ୍ମୀପୁର କଲୋନୀରେ ସୁଧୁରୁନି ପାନୀୟ ଜଳ ସମସ୍ୟା



### ତୁରନ୍ତ ସମାଧାନ ପାଇଁ ବିଡିଓଙ୍କୁ ଦାବିପତ୍ର

**ରାୟଗଡ଼,୧୯।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମାସ୍ଥିତ ଲକ୍ଷ୍ମୀପୁର କଲୋନୀବାସୀ ପାନୀୟ ଜଳ ସମସ୍ୟା ନେଇ ଶୁକ୍ରବାର ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀପୁର କଲୋନୀରେ ୮୦ ପରିବାରର ପ୍ରାୟ ୪୦୦ ଲୋକଙ୍କ ପାଇଁ କେବଳ ତିନୋଟି ନଳକୂପ ରହିଛି। ସେଥିମଧ୍ୟରୁ ଦୁଇଟି ଅଚଳ ହୋଇରହିଥିବା ସହ ଅନ୍ୟ ଗୋଟିଏରୁ ଗୋଳିଆ ପାଣି ବାହାରୁଥିବା ଅଭିଯୋଗ ହୋଇଛି। ତେବେ ପ୍ରାୟ ଦୀର୍ଘ ବର୍ଷ ପୂର୍ବରୁ ଏକ ବେସରକାରୀ ସଂସ୍ଥା ଦ୍ୱାରା ବିଦ୍ୟୁତଚାଳିତ ପାଣିପମ୍ପ ଦ୍ୱାରା ଲୋକଙ୍କୁ ପାନୀୟ ଜଳ ଉପଲବ୍ଧ କରାଯାଉଥିବାବେଳେ ତାହା ମଧ୍ୟ ଦୀର୍ଘ ଦିନ ଧରି କାର୍ଯ୍ୟରେ ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହେଲେ ଏନେଇ ବାରମ୍ବାର ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ କରାଯାଉନଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ସୁଧୀର କୁମାର ସିଂଙ୍କୁ ଶୁକ୍ରବାର ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଏହାସହ ଏହାର ଏକ ନକଲ ସ୍ଥାନୀୟ ତହସିଲଦାର, ଥାନା ଅଧିକାରୀ, ସରପଞ୍ଚ ଓ ପାନୀୟ ଜଳ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସପ୍ତାହ ମଧ୍ୟରେ ଏହାର ସ୍ଥାୟୀ ସମାଧାନ ନହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର କୈଳାସ ଶବର, ଘାସୀ ରାମ କାର୍ଯୀ, ଗୌରାଙ୍ଗ ବଡ଼ରଇତ, ରଶ୍ମିତା ବଡ଼ ରଇତ, ଲକ୍ଷ୍ମୀ ଶବର, ଶାଶୀ ଶବରଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ବିଭିନ୍ନ ସ୍ଥାନରେ ଭାଷା, ସାହିତ୍ୟ ଓ ସୃଜନଶୀଳ ଉତ୍ସବ

# 'ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ସାହିତ୍ୟ'










**ଗୋଷାଣି,୧୯।୧(ସମିସ)**

ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ 'ମୋ କଥା ମୋ କହାଣୀ'କୁ ନେଇ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି। ବାଘଶଳା ଗ୍ରାମସ୍ଥିତ ରାଧାଚରଣ ଦାସ ବାଳିକା ଉଚ୍ଚବିଦ୍ୟାଳୟରେ 'ନୂଆ-ଓ' ଆଧାରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଟି. ଭୀମାରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଭଲ ପାଠ ପଢ଼ିବା ସହ ଭାଷା ଓ ସାହିତ୍ୟକୁ ଗୁରୁତ୍ୱ ଦେବାକୁ କହିଥିଲେ। ବିଦ୍ୟାଳୟର ଏସ୍‌ଏମସି ସଭାପତି ମୀନକେତନ ସାହୁ ରାଜ୍ୟ ସରକାରଙ୍କ ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରଣୀସେନ ବିଶ୍ୱାଳ ମାତୃଭାଷାର ଉନ୍ନତି ଲାଗି ଏପରି କାର୍ଯ୍ୟକ୍ରମ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ମୋ କଥା ମୋ କାହାଣୀକୁ ନେଇ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀମାନେ ନିଜ ନିଜ କଥା ଓ ଅନୁଭୂତିକୁ ନେଇ ସୁନ୍ଦର ଲେଖା ମାଧ୍ୟମରେ ପ୍ରକାଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଗଜପତି ଖୁଣ୍ଟିଆ, ଜି.ବାବୁଜୀ, ସନ୍ତୋଷ କୁମାର ପ୍ରଧାନ, ସୁପ୍ରଭା ଶତପଥୀ, ଦମୟନ୍ତୀ ମଙ୍ଗରାଜ, ବାଲା ଜୀବନବାବୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଗାରବନ୍ଧସ୍ଥିତ ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବି.ତିରୁମଲାରାଓ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମୋ କଥା ମୋ କାହାଣୀକୁ ନେଇ ପୁସ୍ତକମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଛାତ୍ର ତଥା ପୂର୍ବତନ ଗାରବନ୍ଧ ସରପଞ୍ଚ କେ.ବେଣୁ, ପୁରାତନ ଛାତ୍ର କେ.ରାଜା. ଏସ୍.ମୂଳୀ, ପି.କ୍ରିଷ୍ଣା ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ପ୍ରତି ରୁଚି ବଢ଼ାଇବା ପାଇଁ କହିଥିଲେ। ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଦାରିଙ୍ଗବାଡ଼ି:** ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁସ୍ଥିତ ପ୍ରଭାତୀତାରା ବାଳିକା ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରାଜକୁମାରୀ ସୁଆଲସିଂଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ସଂଯୁକ୍ତା ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ସମ୍ବର୍ଦ୍ଧନା ଶିକ୍ଷୟିତ୍ରୀ ପ୍ରେମଲତା ବଳିୟାରସିଂ କରିଥିବା ବେଳେ ଶିକ୍ଷୟିତ୍ରୀ ସରିତା ଦାସ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା କରାଯାଇଥିବା ଷ୍ଟଲ୍ ସବୁ ଉଚ୍ଚକୋଟିର ହୋଇଥିବା ଅଭିଭାବକମାନେ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ଖଜୁରୀପଡ଼ା:** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ସୁଡ୍ରୁକୁମ୍ପା ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁଡ୍ରୁକୁମ୍ପା ସରପଞ୍ଚ ଦଶରଥ ଯାନୀ, ସୁଡ୍ରେଜୁ ସମିତି ସଭ୍ୟା ଦମୟନ୍ତୀ ଯାନୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ବିଭୁ ନନ୍ଦନ ସିଂ ଓ ଡକ୍ଟର ସୁମନ କୁମାର ରାଉତ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ସୁଜିତ କୁମାର ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ମତ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୋ କଥା ମୋ କାହାଣୀ ଶୀର୍ଷକ ପୁସ୍ତିକାରେ କବିତା, କ୍ଷୁଦ୍ର ଗଳ୍ପ, ଚିତ୍ରାଙ୍କନ, ବିଷୟ ଆଧାରିତ ଲେଖା ପ୍ରଦର୍ଶନ ଏବଂ ପଠନ କରାଯାଇଥିଲା। ଶେଷରେ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା ସଭାପତି ସୁବାସ କହଁର, ସିଆରସିସି ଗୋବିନ୍ଦ ଚନ୍ଦ୍ର ପଣ୍ଡା, ହୃଷୀକେଶ ନାୟକ, ପ୍ରବୀଣ କୁମାର ପ୍ରଧାନ, ରିତେଶ ବେହେରା, ପ୍ରତାପ କୁମାର ଚୌଧୁରୀ, ଧରିତ୍ରୀ ବେହେରା ଦଳେଇ, ସୁଜାତା ବିଶ୍ୱାଳ, କୁବେର ପ୍ରଧାନ, ଅରୁନ କୁମାର ଦାସ, ସନ୍ତୋଷ କୁମାର ସାହାଣୀ, ସ୍ୱାଗତିକା ସାହୁ, ସମାଜସେବୀ ମାନସ ମଲ୍ଲିକ, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

